# ସୋନପୁର-ଝାରମୁଣ୍ଡା ରେଳପଥ ସିଆରଏସ୍ ଯାଞ୍ଚ

ସୋନପୁର/ବାଡଁଶୁଣୀ,୧୫।୬
(ମୃତ୍ୟୁଞ୍ଜୟ ଶତପଥୀ/ ଦେବାଶିଷ ନେପାକ)

ବହୁ ପ୍ରତିକ୍ଷିତ ଖୋର୍ଦ୍ଧା-ବଲାଙ୍ଗୀର ରେଳପଥ ଆଉ ପାଦେ ଆଗେଇଛି । ଏହି ରେଳପଥ ଅନ୍ତର୍ଗତ ସୋନପୁରରୁ ବୌଦ୍ଧ ଜିଲାର ଝାରମୁଣ୍ଡା ଷ୍ଟେଶନ ମଧ୍ୟରେ ୨୮କିଲୋମିଟର ନୂଆ ରେଳ ଲାଇନର ସିଆରଏସ୍ ଯାଞ୍ଚ ଶନିବାର ସମ୍ପୂର୍ଣ୍ଣ ହୋଇଛି । ଦକ୍ଷିଣ ପୂର୍ବ ସର୍କଲର ରେଳବାଇ ନିରାପତ୍ତା ଆୟୁକ୍ତ(ସିଆରଏସ୍) ବ୍ରିଜେଶ କୁମାର ମିଶ୍ର ଗତ ୧୩ ରୁ ୧୫ ତାରିଖ ମଧ୍ୟରେ ସମ୍ବଲପୁର ରେଳ ମଣ୍ଡଳର ଖୋର୍ଦ୍ଧାରୋଡ-ବଲାଙ୍ଗୀର ନୂତନ ବ୍ରଡଗେଜ ଲାଇନ ପ୍ରକଳ୍ପର ସୋନପୁର-ପୁରୁଣାପାଣି-ଝାରମୁଣ୍ଡା ମଧ୍ୟରେ ରେଳ ଲାଇନ କାର୍ଯ୍ୟକୁ ନିରୀକ୍ଷଣ କରିଛନ୍ତି। ନିରୀକ୍ଷଣ ସମୟରେ ମିଶ୍ର ଓଭରହେଡ ଉପକରଣ, ପୋଲ, ସଙ୍କେତ, ଦୂର ସଞ୍ଚାର ଉପକରଣ, ରେଳବାଇ ଟ୍ରାକ୍ ଆଦି ନିରୀକ୍ଷଣ କରିବା ସହିତ ବରମୁଣ୍ଡା ଠାରୁ ସୋନପୁର ଷ୍ଟେସନ ମଧ୍ୟରେ ସ୍ପିଡ୍ ଟ୍ରାଏଲ ମଧ କରିଥିଲେ। ମଣ୍ଡଳର ଏହି ସେକ୍ସନରେ ନୂତନ ଲାଇନ ଓ ବିଦ୍ୟୁତିକରଣ କାର୍ଯ୍ୟ ପରେ ଏଣିକି ଟ୍ରେନ୍ ପରିଚାଳନା ସୁଗମ ହୋଇପାରିବ। ରେଳ ନିରାପତ୍ତା ଆୟୁକ୍ତଙ୍କ ସହିତ ସମ୍ବଲପୁର ମଣ୍ଡଳ ରେଳ ପ୍ରବନ୍ଧକ ତୁଷାରକାନ୍ତ ପାଣ୍ଡେ, ପୂର୍ବତଟ ରେଳପଥର ମୁଖ୍ୟ ପ୍ରଶାସନିକ ଅଧିକାରୀ(ନିର୍ମାଣ) ପି ଶ୍ରୀନିବାସଙ୍କ ସହିତ ପୂର୍ବତଟ ମୁଖ୍ୟାଳୟ ଓ ସମ୍ବଲପୁର ମଣ୍ଡଳର ବରିଷ୍ଠ ଅଧିକାରୀ, ସିଗନାଲ, ଇଲେକ୍ଟ୍ରିକାଲ ଓ ବ୍ରିଜ୍ କନଷ୍ଟ୍ରକସନ ଇଞ୍ଜିନିୟରମାନେମାନେ ନିରୀକ୍ଷଣ ସମୟରେ ଉପସ୍ଥିତ ଥିଲେ। ରେଳ ନିରାପତ୍ତା ଆୟୁକ୍ତ ବରିଷ୍ଠ ଅଧିକାରୀଙ୍କ ସହିତ ସୋନପୁରରୁ ଟ୍ରଲିରେ ବାହାରି ଝାରମୁଣ୍ଡା ପର୍ଯ୍ୟନ୍ତ ନୂଆ ରେଳଲାଇନର ନିରାପତ୍ତା ଯାଞ୍ଚ କରିଥିଲେ। ପରେ ସେ ଝାରମୁଣ୍ଡା ଷ୍ଟେଶନ ପରିଦର୍ଶନ କରିଥିଲେ। ଉକ୍ତ ଷ୍ଟେଶନରେ ଯାତ୍ରୀମାନଙ୍କ ପାଇଁ ଉପଲବ୍ଧ ହେବାକୁ ଥିବା ବିଭିନ୍ନ ସୁବିଧା ଏବଂ ଏଠାରେ ନିର୍ମାଣାଧୀନ ବିଭିନ୍ନ କାର୍ଯ୍ୟର ନିରୀକ୍ଷଣ କରିଥିଲେ। ପରେ ସେ ଏକ ସ୍ୱତନ୍ତ୍ର ଟ୍ରେନ୍‌ରେ ବସି ଉକ୍ତ ଷ୍ଟେଶନ ମଧ୍ୟରେ ସ୍ପିଡ୍ ଟ୍ରାଏଲ କରିଥିଲେ। ପ୍ରକାଶ ଯେ, ଖୋର୍ଦ୍ଧାରୋଡ-ବଲାଙ୍ଗୀର ରେଳପଥରେ ଝାରମୁଣ୍ଡା ବଲାଙ୍ଗୀର ପଟୁ ସପ୍ତମ ଷ୍ଟେଶନ ହେବ। ବଲାଙ୍ଗୀରରୁ ସୋନପୁର ଷ୍ଟେସନ ମଧ୍ୟରେ ଟ୍ରେନ୍ ଚାଲିଛି। ସିଆର୍‌ଏସ ଯାଞ୍ଚ ପରେ କମିଶନିଂ ହେବ। ରେଳ ନିରାପତ୍ତା ଆୟୁକ୍ତଙ୍କ ରିପୋର୍ଟ ପରେ ବଲାଙ୍ଗୀର-ଝାରମୁଣ୍ଡା ୭୮ କିଲୋମିଟର ଟ୍ରେନ୍ ଚାଲିବା ସମ୍ଭାବନା ସୃଷ୍ଟି ହୋଇଛି।


ରେଳ ନିରାପତ୍ତା ଆୟୁକ୍ତ ବ୍ରିଜେଶ କୁମାର ମିଶ୍ର ନୂତନ ରେଳ ଲାଇନ କାର୍ଯ୍ୟ ନିରୀକ୍ଷଣ କରୁଛନ୍ତି ।

- ଖୁବ୍‌ଶୀଘ୍ର ବଲାଙ୍ଗୀରରୁ ବୌଦ୍ଧ ଜିଲାର ଝାରମୁଣ୍ଡାକୁ ଟ୍ରେନ୍ ଗଡ଼ିବ
- ଖୋର୍ଦ୍ଧା-ବଲାଙ୍ଗୀର ରେଳପଥ ଆଉ ପାଦେ ଆଗେଇଲା

# ସମାଧାନ ବାଟ ଫିଟୁନି, ପ୍ରଶାସନ ନୀରବ


ଗୁଦଗୁଦା ଗ୍ରାମବାସୀ।

ଅମରପାଲି, ୧୫।୬(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଅମରପାଲି-ଗୁଦଗୁଦା ନିର୍ମାଣାଧୀନ ରାସ୍ତାକୁ କେତେକ ବ୍ୟକ୍ତି ବାଡ ଦେଇ ଅବରୋଧ କରିଛନ୍ତି। ଫଳରେ ଯାତାୟତ ବାଧାପ୍ରାପ୍ତ ହୋଇଛି। ଅମରପାଲି ପୂର୍ତ୍ତ ବିଭାଗର ରାସ୍ତାରୁ ଗୁଦଗୁଦା ଗ୍ରାମକୁ ଦୂରତ୍ୱ ପ୍ରାୟ ୨ କିମି। ଦୀର୍ଘଦିନର ଦାବି ପରେ ଉକ୍ତ ଗ୍ରାମକୁ ଏବେ ନୂତନ ରାସ୍ତା ନିର୍ମାଣ କରାଯାଉଛି। ରାସ୍ତା ପାଇଁ ପୋଲ ନିର୍ମାଣ ମଧ୍ୟ ଅନ୍ତିମ ପର୍ଯ୍ୟାୟରେ ରହିଛି। ତେବେ ଗତ ମାର୍ଚ୍ଚ ୨୬ ତାରିଖରେ ଅମରପାଲି ଗ୍ରାମର କେତେକ ବ୍ୟକ୍ତି ଉକ୍ତ ରାସ୍ତା ମଝିରେ ବାଡ ଦେଇ ଅବରୋଧ କରିଥିଲେ। ସେମାନଙ୍କ ଦାବି ଅନୁସାରେ ଉକ୍ତ ରାସ୍ତାର କେତେକ ଅଂଶ ତାଙ୍କର ରୟତି ଜମି। କିଛିବର୍ଷ ପୂର୍ବରୁ ମଧ ସେମାନେ ଏହି ରାସ୍ତାରେ ବାଡ ଦେଇ ଅବରୋଧ କରିଥିଲେ। ମାତ୍ର ସେହି ସମୟରେ ଆଲୋଚନା କରି ରାସ୍ତା ଛାଡ଼ି ଦିଆଯାଇଥିଲା। ତେବେ ରାସ୍ତା ନିର୍ମାଣ ହେଉଥିବା ବେଳେ ଗତ ମାର୍ଚ୍ଚ ୨୬ରେ ପୁଣି ରାସ୍ତା ଅବରୋଧ କରିଥିଲେ। ଏନେଇ ଗତ ୨୭ ତାରିଖରେ ଗ୍ରାମର ଶତାଧିକ ମହିଳା ଓ ପୁରୁଷ ବୀରମହାରାଜପୁର ତହସିଲ କାର୍ଯ୍ୟାଳୟ ଯାଇ ଅଭିଯୋଗ କରିଥିଲେ। ବିଭାଗ ତରଫରୁ ଏହାର ସମାଧାନ କରିବାକୁ ପ୍ରତିଶ୍ରୁତି ଦିଆଯାଇଥିଲା। ତହସିଲଦାରଙ୍କ ନିର୍ଦ୍ଦେଶ କ୍ରମେ କେନଝିରିଆପାଲି ରାଜସ୍ୱ ନିରୀକ୍ଷକ ଘଟଣାସ୍ଥଳକୁ ଆସି ଉକ୍ତ ରାସ୍ତାର ଜମି ଚିହ୍ନଟ କରିଥିଲେ। ଆଲୋଚନାର ଦୁଇଦିନ ପରେ ରାସ୍ତା ଅବରୋଧ ହଟାଇ ଦିଆଯାଇଥିଲା। ମାତ୍ର ପୁଣି କିଛି ଦିନ ପରେ ସେହି ବ୍ୟକ୍ତିମାନେ ରାସ୍ତାରେ ବାଡ ଦେଇ ଅବରୋଧ କରିଥିଲେ। ଫଳରେ ଉକ୍ତ ଗ୍ରାମକୁ କୌଣସି ଯାନବାହନ ଯାତାୟାତ କରି ପାରୁନାହିଁ। ତେବେ ନିର୍ବାଚନ ପୂର୍ବରୁ ଗତ ୧୮ ତାରିଖରେ ବୀରମହାରାଜପୁର ଥାନା ଅଧିକାରୀ ଶୋଭକର ସେଟଙ୍କ ନିର୍ଦ୍ଦେଶକ୍ରମେ ହରିହର ଯୋର ଫାଣ୍ଡି ଅଧିକାରୀ ବିଭୁନ୍ଦ୍ର ବରାଳ ତାଙ୍କ ଟିମଙ୍କ ସହିତ ଯାଇ ରାସ୍ତା ଅବରୋଧ କରିଥିବା ବ୍ୟକ୍ତି ଓ ଗ୍ରାମବାସୀଙ୍କ ସହିତ ଆଲୋଚନା କରି ବାଡା ଖୋଲିଥିଲେ। ମାତ୍ର ଏବେ ପୁଣି ଥରେ ଉକ୍ତ ବ୍ୟକ୍ତିମାନେ ଏହି ରାସ୍ତାରେ ବାଡ଼ା ଦେଇ ରାସ୍ତା ଅବରୋଧ କରିଛନ୍ତି। ରାସ୍ତା ଅବରୋଧକାରୀଙ୍କ ସହିତ ଗ୍ରାମବାସୀଙ୍କ ଆଲୋଚନା ପରେ ମଧ ଏହାର ସମାଧାନ ହୋଇ ପାରିଲାନାହିଁ। ରାସ୍ତା ଅବରୋଧ ଫଳରେ ନିର୍ମାଣାଧୀନ କାମ ଆଗେଇ ନ ପାରି ବନ୍ଦ ହୋଇ ପଡ଼ିଛି। ତେଣୁ ଗୁଦଗୁଦା ଗ୍ରାମବାସୀ ବୀରମହାରାଜପୁର ତହସିଲଦାର ଓ ଜିଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ମାତ୍ର ପ୍ରଶାସନ କୌଣସି ପଦକ୍ଷେପ ନେଉନାହିଁ। ଯଦି ସମସ୍ୟାର ସ୍ଥାନୀୟ ସମାଧାନ କରା ନ ଯାଏ ତେବେ ଅନ୍ଦୋଳନାତ୍ମକପନ୍ଥା ଗ୍ରହଣ କରାଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।


ଅମରପାଲି-ଗୁଦଗୁଦା ଗ୍ରାମ ରାସ୍ତାରେ ବାଡା ଦେଇ ଅବରୋଧ କରାଯାଇଛି।

- ଅମରପାଲି-ଗୁଦଗୁଦା ରାସ୍ତାରେ ବାଡ଼ ଦେଇ ଅବରୋଧ
- ଅଢ଼େଇ ମାସ ହେଲା ଯାତାୟାତ ବ୍ୟାହତ
- ଆଗଉନି ରାସ୍ତା କାମ, ଗ୍ରାମବାସୀଙ୍କ ଆନ୍ଦୋଳନ ଚେତାବନୀ

# ବୀରମହାରାଜପୁରର ବିଭିନ୍ନ ସ୍ଥାନରେ ରଜପର୍ବ ପାଳିତ

ଅମରପାଲି,୧୫।୬(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ରଜପର୍ବ ପାଳିତ ହୋଇଯାଇଛି। ବ୍ଲକ ଅନ୍ତର୍ଗତ କେନଝିରିଆପାଲି ଗ୍ରାମସ୍ଥିତ ପ୍ରେମାନନ୍ଦ ଯୋଗାଶ୍ରମରେ ତିନିଦିନ ଧରି ଏହି ପର୍ବ ପାଳନ ହେଉଛି। ଶନିବାର ରଜ ସଂକ୍ରାନ୍ତି ଅବସରରେ ଯୋଗାଶ୍ରମରେ ଶତାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଏହି ଅବସରରେ ଯୋଗାଶ୍ରମର ରାଧାକୃଷ୍ଣ ମନ୍ଦିରରେ ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଚାରି ପ୍ରହର ନାମ ସଙ୍କୀର୍ତ୍ତନ ଓ ସ୍ୱତନ୍ତ୍ର ପୂଜାର୍ଚ୍ଚନା ହୋଇଥିଲା। ଏହା ସହିତ ପୁରାଣ ପାଠ, ଭଜନ ଆଦି ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସେହିପରି ବହଲପଦର ପଞ୍ଚାୟତର ଗୁଦଗୁଦାରେ ରଜ ପର୍ବ ଉତ୍ସାହର ସହିତ ପାଳିତ ହୋଇଛି। ଗ୍ରାମରେ ଝିଅମାନେ ଏକତ୍ରିତ ହୋଇ ଦୋଳି ଖେଳିବା ସହିତ ପୁଚି ଖେଳିଥିଲେ। ସେମାନେ ସୁନ୍ଦରଭାବେ ସଜେଇ ହୋଇ ନାଚ ଗୀତ, ଫ୍ୟାଶନ ଶୋ ଆଦି ପ୍ରତିଯୋଗୀତା କରିଥିଲେ। ଭଳିକି ଭଳି ପିଠା, ମିଠାପାନ ଆଦିର ମଜା ନେଇଥିଲେ।


ଗୁଦଗୁଦା ଗ୍ରାମରେ ରଜ ପର୍ବ ଅବସରରେ ଝିଅମାନେ ଦୋଳି ଖେଳୁଛନ୍ତି।

## ସାପ କାମୁଡ଼ାରେ ଯୁବକଙ୍କ ମୃତ୍ୟୁ

ଥୁଆମୂଳ ରାମପୁର,୧୫।୬ (ଦୁର୍ଗା କୀର୍ତ୍ତି)

ସାପ କାମୁଡ଼ାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ଅଡ୍ରି ପଞ୍ଚାୟତ ଟାଙ୍ଗିରୀ ଗ୍ରାମର ନେପାଲ ମାଝି (୨୩)। ସୂଚନାକ୍ରମେ ନେପାଲ ଶନିବାର ସକାଳେ ଶୋଇଥିବା ସମୟରେ ଏକ ସାପ ତାଙ୍କୁ କାମୁଡି ଦେଇଥିଲା। କେଳାଙ୍କୁ ଡକାଇ ଝଡାଫୁଙ୍କା କରୁଥିବା ସମୟରେ ତାଙ୍କର ପ୍ରାଣବାୟୁ ଉଡିଯାଇଥିଲା ବୋଲି ପରିବାର ଲୋକେ ପ୍ରକାଶ କରିଛନ୍ତି। ଏ ନେଇ ତାଙ୍କ ଭାଇ ବିରିସିଂ ମାଝି ଥୁଆମୂଳ ରାମପୁର ଥାନାରେ ଲିଖିତ ଜଣାଇଥିଲେ। ପୋଲିସ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସନ୍ଧ୍ୟା ହୋଇଯାଇଥିବାରୁ ରବିବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି।

# ମାଛଚାଷ: ଦୂଷିତ ହେଉଛି ପୋଖରୀପାଣି

କୋମନା,୧୫।୬(ସୋବିନ ଛତ୍ରିଆ)

ନୂଆପଡ଼ା ଜିଲା କୋମନା ବ୍ଲକ୍ ଅଗ୍ରେନ ଗ୍ରାମରେ ଥିବା ପୋଖରୀପାଣି ମାଛଚାଷ ଯୋଗୁ ଦୂଷିତ ହେଉଛି। ଫଳରେ ଲୋକେ ଏହାର ପାଣି ବ୍ୟବହାରକରି ନ ପାରି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସୂଚନା ଅନୁସାରେ ଜଳ ଯୋଗାଣ ପ୍ରକଳ୍ପ ଦ୍ୱାରା ଏହି ଗ୍ରାମର ଲୋକେ ଜଳ ପାଇପାରୁଥିଲେ। ହେଲେ କିଛିଦିନ ପୂର୍ବରୁ ଘୂର୍ଣ୍ଣିଝଡ଼ ଯୋଗୁ ଟ୍ରାନ୍ସଫର୍ମର ତଳେ ପଡ଼ିଯିବାରୁ ବିଦ୍ୟୁତ୍ ବିଚ୍ଛିନ୍ନ ହୋଇ ଜଳ ଯୋଗାଣ ବନ୍ଦ ରହିଛି। ଏପରି ସମୟରେ ଲୋକେ ଗ୍ରାମରେ ଥିବା ଏକମାତ୍ର ପୋଖରୀ ଜଳ ବ୍ୟବହାର କରୁଥିଲେ। ପୋଖରୀକୁ ପଞ୍ଚାୟତ ପକ୍ଷରୁ ଠିକା ଭାବରେ ନିଆଯାଇ ମାଛଚାଷ କରାଯାଉଛି। ଠିକା ନେଇଥିବା ବ୍ୟକ୍ତି ମାଛର ଓଜନ ବୃଦ୍ଧି ପାଇଁ ପୋଖରୀରେ ବିଭିନ୍ନ ପ୍ରକାର ଅଳିଆ ଆବର୍ଜନା ପକାଉଛନ୍ତି। ଏହାଦ୍ୱାରା ପାଣି ଦୂଷିତ ହୋଇ ବ୍ୟବହାର ଅନୁପଯୁକ୍ତ ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହାର ସମାଧାନ ପାଇଁ ଗ୍ରାମବାସୀ ସରପଞ୍ଚଙ୍କୁ ଲିଖିତ ଭାବରେ ଜଣାଇଛନ୍ତି। ୱାର୍ଡ ସଭ୍ୟା ନେପୁର ନାଗ, ଦ୍ୱିତୀୟା ଚନ୍ଦ୍ର ଜଗତ, ଦୀପକ ମାଝି, ଦୟାସାଗର ଅଦା, ଘନଶ୍ୟାମ ଗହୀର, ମଧୁବନ ହଂସ, ବାସ ନାଗ, ରାଜେନ୍ଦ୍ର ଅଦା ପ୍ରମୁଖ ଅଭିଯୋଗକରି ଶୀଘ୍ର ସମସ୍ୟାର ସମାଧାନ କରିବା ପାଇଁ ଦାବି କରିଛନ୍ତି। ଏ ନେଇ ସରପଞ୍ଚ ନୀଳାଦ୍ରି ଆଡ଼ବଙ୍ଗଙ୍କୁ ପଚାରିବାରୁ ଖୁବ୍‌ଶୀଘ୍ର ଏହି ସମସ୍ୟା ସମାଧାନ କରାଯିବ ବୋଲି କହିଛନ୍ତି।

## ହାଇଦ୍ରାବାଦରେ ଶ୍ରମିକଙ୍କ ଦୁର୍ଘଟଣାରେ ମୃତ୍ୟୁ

କୋକସରା,୧୫।୬ (ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ)

କଳାହାଣ୍ଡି ଜିଲାର ଜଣେ ଦାଦନ ଶ୍ରମିକଙ୍କ ହାଇଦ୍ରାବାଦରେ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ସେ ହେଲେ କୋକସରା ଥାନା ଚିଲିଗୁଡା ଗ୍ରାମର ମନଧର ଛାତ୍ରିଆ (୪୮)। ସୂଚନାକ୍ରମେ ମନଧର ପରିବାର ପ୍ରତିପୋଷଣ ପାଇଁ କାମ ଅନ୍ୱେଷଣରେ ହାଇଦ୍ରାବାଦ ଯାଇଥିଲେ। ପରିବାର ଲୋକଙ୍କ କହିବା ଅନୁଯାୟୀ ହାଇଦ୍ରାବାଦର ଏକ ଠିକାସଂସ୍ଥାରେ ମନଧର ନିୟୋଜିତ ଥିଲେ। ତେବେ ଶନିବାର କାମକୁ ବାହାରିବା ସମୟରେ ସଡକ ଦୁର୍ଘଟଣାରେ ତାଙ୍କର ମୃତ୍ୟୁ ହୋଇଛି। ସମ୍ପୃକ୍ତ ଠିକାସଂସ୍ଥା ମୃତଦେହ ଏକ ଆମ୍ବୁଲାନ୍ସ ଯୋଗେ ପଠାଉଥିବା ସୂଚନା ମିଳିଛି।

# ମମତାଙ୍କ ପାଇଁ ସରକାରୀ ଯୋଜନା ସାତସପନ


୩ ପିଲାଙ୍କ ସହ ମମତା।

ଖଡ଼ିଆଳ,୧୫।୬ (ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ୍ କିରିକିଟା ଗ୍ରାମପଞ୍ଚାୟତ ଜୁନାପାଣି ଗ୍ରାମ ଖଲିଆଭଟା ପଡ଼ାରେ ରହନ୍ତି ମମତା ମାଝିଙ୍କ ପରିବାର। ସ୍ୱାମୀଙ୍କ ମୃତ୍ୟୁ ପରେ ମମତା ଅସହାୟ ହୋଇପଡ଼ିଛନ୍ତି। ସରକାରୀ ଯୋଜନା ତାଙ୍କ ପାଇଁ ସାତସପନ ପାଲଟିଛି। ସ୍ୱାମୀ ବଲି ମାଝି ଆରପାରିକୁ ଚାଲିଯିବା ପରେ ୨ ପୁଅ ଟିକେରାମ (୫), ଧନେଶ୍ୱର (୩) ଓ ବର୍ଷକର ଝିଅ ମଞ୍ଜୁଳାଙ୍କୁ ନେଇ ମମତାଙ୍କ ଅଭାବୀ ସଂସାର। ସ୍ୱାମୀ ଥିବାବେଳେ ମୁଣ୍ଡଝାଳ ତୁଣ୍ଡରେ ମାରି ୨ ପ୍ରାଣୀ ଆପଣା ସଂସାରକୁ ଚଳାଇ ନେଉଥିଲେ। ଇଟାମାଟିର ଘର ହସଖୁସିରେ ଫାଟିପଡୁଥିଲା। ହେଲେ ଏହି ଖୁସି ବେଶିଦିନ ତିଷ୍ଠିପାରି ନ ଥିଲା। ପ୍ରାୟ ୬ମାସ ତଳେ ସ୍ୱାମୀ ବଲିଙ୍କୁ ଜ୍ୱରହେବା ପରେ ମମତା ତାଙ୍କୁ ଡାକ୍ତରଙ୍କ ପାଖକୁ ନେଇ ଔଷଧ ଖୁଆଇଲେ। ହେଲେ ଜ୍ୱର କମିଲା ନାହିଁ ଓ ଶେଷରେ ତାଙ୍କ ଜୀବନଦୀପ ଲିଭିଗଲା। ଘଟଣା ପରେ ମମତାଙ୍କ ମୁଣ୍ଡରେ ସତେଯେମିତି ଚଡ଼କ ପଡ଼ିଲା। ତିନି ତିନିଟି କଅଁଳ ଛୁଆଙ୍କୁ ନେଇ କେମିତି ଜୀବନ ବଞ୍ଚିବେ ତାକୁ ନେଇ ସେ ଚିନ୍ତିତ ହୋଇପଡ଼ିଲେ। ସ୍ୱାମୀ ମୃତ୍ୟୁର ୬ମାସ ପରେ ବି ତାଙ୍କୁ ଭତ୍ତା ମିଳିନାହିଁ। ପରିବାର ମଙ୍ଗଳ ଯୋଜନା ସହାୟତା ପାଇ ନାହାନ୍ତି। ଏପରି କି ସ୍ୱାମୀଙ୍କ ଅନ୍ତ୍ୟେଷ୍ଟି କ୍ରିୟା ପାଇଁ ଆବେଦନ କରିଥିଲେ ମଧ ହରିଶ୍ଚନ୍ଦ୍ର ଯୋଜନାରେ ସହଯୋଗ ପାଇନାହାନ୍ତି। ଏହି ପରିବାରକୁ ଏ ପର୍ଯ୍ୟନ୍ତ ରାଶନ କାର୍ଡ ଖଣ୍ଡେ ମିଳିପାରିନାହିଁ। ଆବାସ ଯୋଜନାରେ ଘର ଖଣ୍ଡେ ପାଇବା ସାତସପନ ହୋଇଯାଇଛି। ଛୋଟ ପିଲାମାନଙ୍କୁ ଛାଡ଼ି ମମତା ମୂଲ ଲାଗିବା ପାଇଁ ଯାଆନ୍ତି। ଯେଉଁଦିନ କାମ ମିଳେ ନାହିଁ କିମ୍ବା ସେ ଯାଇପାରନ୍ତି ନାହିଁ ସେଦିନ ପରଘରୁ ମାଗି ଖାଇବାକୁ ପଡ଼େ। ତାଙ୍କୁ ଆବାସ ଯୋଜନାରେ ଘର ଖଣ୍ଡେ ଦେବା ସହ ବିଧବା ଭତ୍ତା, ପରିବାର ମଙ୍ଗଳ ଯୋଜନାରେ ସହାୟତା, ଅନ୍ତ୍ୟୋଦୟ କାର୍ଡ ଭଳି ସୁବିଧା ସୁଯୋଗ ଦେବାକୁ ସେ ଆକୁଳ ନିବେଦନ କରିଛନ୍ତି। ଏ ନେଇ ସ୍ଥାନୀୟ ସରପଞ୍ଚ ଛବି ମାଝିଙ୍କୁ ପଚାରିବାରୁ ତାଙ୍କ ସ୍ୱାମୀଙ୍କ ମୃତ୍ୟୁ ପ୍ରମାଣପତ୍ର ଦେଇ ନ ଥିବାରୁ ଏସବୁ ସୁବିଧା ମିଳିପାରୁ ନ ଥିଲା। ଏବେ ସବୁ କାଗଜପତ୍ର ଦିଆଯାଇଛି ଓ ନିୟମାନୁସାରେ ସବୁ ପ୍ରକାର ସହଯୋଗ କରାଯିବ ବୋଲି କହିଛନ୍ତି।



## ସଂକ୍ଷେପରେ

### ବୃଦ୍ଧ ଦମ୍ପତିଙ୍କ ଆତ୍ମହତ୍ୟା

**କେସିଙ୍ଗା,୧୫।୬(ତୁମେଶର ସାହୁ):** କଳାହାଣ୍ଡି ଜିଲା କେସିଙ୍ଗା ସହରର ଏକ କପଡ଼ା ଦୋକାନ ସମ୍ମୁଖରେ ଶନିବାର ଏକ ବୃଦ୍ଧ ଦମ୍ପତି ଆତ୍ମହତ୍ୟା କରିଛନ୍ତି। ତ୍ରିଲୋଚନ ପ୍ରଧାନ (୮୦) ବେକରେ ଦଉଡି ଦେଇ ଓ ତାଙ୍କ ସ୍ତ୍ରୀ ଗାୟତ୍ରୀ ପ୍ରଧାନ (୭୫) ବିଷ ପିଇ ଆତ୍ମହତ୍ୟା କରିଥିବା ଜଣାପଡିଛି। ଏମାନେ କେସିଙ୍ଗା ବ୍ଲକ ଉକ୍ଳେଲା ଗ୍ରାମର ବାସିନ୍ଦା ହୋଇଥିବାବେଳେ ଝିଅଜ୍ୱାଇଁଙ୍କ ପାଖରେ ରହୁଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଛି। ସୂଚନା ଅନୁଯାୟୀ ତ୍ରିଲୋଚନଙ୍କ ଦୁଇ ପୁଅ ଓ ଗୋଟିଏ ଝିଅ। ବଡ଼ ପୁଅ ଭବାନୀପାଟଣାରେ ଶିକ୍ଷକତା କରୁଥିବା ବେଳେ ସାନ ପୁଅ କରୋନାରେ ଆକ୍ରାନ୍ତ ହୋଇ ମୃତ୍ୟୁ ଘଟିଛି। ସାନ ପୁଅ ମୃତ୍ୟୁପରେ ବୃଦ୍ଧ ଦମ୍ପତି ନିଜ ଝିଅ ଜ୍ୱାଇଁ ଘର କେସିଙ୍ଗାରେ ୨୦୨୧ ମସିହାରୁ ରହିଆସୁଥିଲେ। ଝିଅଜ୍ୱାଇଁ ଶିକ୍ଷକତା କରୁଥିବା ବେଳେ କ'ଣ ପାଇଁ ବୃଦ୍ଧା ଦମ୍ପତି ଆତ୍ମହତ୍ୟା କଲେ ତାହା ଜଣାପଡି ନାହିଁ। ଏ ସଂକ୍ରାନ୍ତରେ ଆଇଆଇସି ପ୍ରଦ୍ୟୁମ୍ନ ମହାପାତ୍ରଙ୍କୁ ପଚାରିବାରୁ ତଦନ୍ତ ଜାରି ରହିଛି ବୋଲି ପ୍ରକାଶ କରିଥିଲେ।

### ଜୁନାଗଡ଼ରେ ଧର୍ମଗଡ଼ ବିଧାୟକଙ୍କୁ ସମ୍ବର୍ଦ୍ଧନା

**ଜୁନାଗଡ଼,୧୫।୬ (ସୁନୀଲ କୁମାର ସିଂହ):** କଳାହାଣ୍ଡି ଜିଲା ଜୁନାଗଡ଼ ସହରରେ ଶୁକ୍ରବାର ସନ୍ଧ୍ୟାରେ ନବ ନିର୍ବାଚିତ ଧର୍ମଗଡ଼ ବିଧାୟକ ସୁଧୀର ପାଟଯୋଶୀଙ୍କୁ ଭାଜପା ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଜୁନାଗଡ଼ ନଗରପାଳ ମୁକେଶ ଅଗ୍ରୱାଲଙ୍କ ନେତୃତ୍ୱରେ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ପୂର୍ବତନ ନଗରପାଳ ସୁଧାଂଶୁ ଶେଖର ବରାଡ଼, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ରଶ୍ମିରଞ୍ଜନ ନାୟକ, ବରିଷ୍ଠ ନେତା ହିମାଂଶୁ ଶେଖର ବରାଡ଼, ସତ୍ୟନାରାୟଣ ପଣ୍ଡା ପ୍ରମୁଖଙ୍କ ସମେତ ବହୁ ଦଳୀୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।



ଲୋୟର ସୁକତେଲ ଡ୍ୟାମ୍।

# ଜଳସେଚନ ଆଶା ଉଜ୍ଜୀବିତ

**ଲୋଇସିଂହା,୧୫।୬(ସୁଶାନ୍ତ ବାରିକ)**

**ଲୋୟର ସୁକତେଲରୁ ବାଦ୍ ପଡିଥିଲା ୧୮ ପଞ୍ଚାୟତ**

ଚାଷ ଜମିକୁ ଜଳସେଚନ ଓ ପିଇବା ପାଣି ସମସ୍ୟା ଦୂର ପାଇଁ ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ମାଗୁରବେଡା ସୁକତେଲ ନଦୀରେ ଲୋୟର ସୁକତେଲ ପ୍ରକଳ୍ପ ନିର୍ମାଣ ହୋଇଛି । ହେଲେ ଏହି ପ୍ରକଳ୍ପରୁ ଲୋଇସିଂହା ନିର୍ବାଚନ ମଣ୍ଡଳୀର ଲୋଇସିଂହା, ଆଗଲପୁର ଓ ପୁଇଁତଲା ବ୍ଲକର ୧୮ ପଞ୍ଚାୟତ ଜଳସେଚନରୁ ବାଦ୍ ପଡିଥିବାରୁ ଚାଷୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଥିଲା। ମିଳିତ କୃଷକ ସଂଘର୍ଷ ସମିତି ଆନ୍ଦୋଳନକୁ ଓହ୍ଲାଇ ୨୦୨୪ ସାଧାରଣ ନିର୍ବାଚନକୁ ବର୍ଜନ କରିବାକୁ ଚେତାବନୀ ଦେଇଥିଲା। ନିର୍ବାଚନ ସମୟରେ ସ୍ଥାନୀୟ ଭାଜପା ବିଧାୟକ ପ୍ରାର୍ଥୀ ମୁକେଶ ମହାଲିଙ୍ଗ ପୂର୍ବ ବିଜେଡି ସରକାରକୁ ସମାଲୋଚନା କରି ଏହାକୁ ନିର୍ବାଚନୀରେ ମୁଖ୍ୟ ପ୍ରସଙ୍ଗ କରିଥିଲେ। ଓଡ଼ିଶାରେ ଭାଜପା ସରକାର ହେଲେ ଡିପିଆର୍‌କୁ ସଂଶୋଧନ କରି ବାଦ୍‌ପଡିଥିବା ପଞ୍ଚାୟତକୁ ଜଳସେଚନ ଦିଗରେ ପ୍ରାଥମିକତା ଦିଆଯିବ ବୋଲି ନିର୍ବାଚନୀ ସଭା ଏବଂ ମିଳିତ କୃଷକ ସଂଘର୍ଷ ସମିତି ପକ୍ଷରୁ ଗୁଗୁଡିଖାଲରେ ଆହୁତ ଆଲୋଚନାଚକ୍ରରେ ପ୍ରତିଶ୍ରୁତି ଦେଇଥିଲେ। ଏବେ ଏକକ ସଂଖ୍ୟା ଗରିଷ୍ଠତା ହାସଲ କରି ଭାଜପା ରାଜ୍ୟରେ ଶାସନ ଡୋରି ଧରିଛି। ଗୁରୁତ୍ୱପୂର୍ଣ୍ଣ ହେଲା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ମନ୍ତ୍ରୀମଣ୍ଡଳରେ ଲୋଇସିଂହାରୁ ଦ୍ୱିତୀୟ ଥର ବିଜୟୀ ହୋଇଥିବା ବିଧାୟକ ମହାଲିଙ୍ଗ ମନ୍ତ୍ରୀମଣ୍ଡଳରେ ସ୍ଥାନ ପାଇଛନ୍ତି। ପୁଣି କ୍ୟାବିନେଟ ମନ୍ତ୍ରୀ ଭାବେ ସେ ଶପଥ ନେଇସାରିଛନ୍ତି। ମହାଲିଙ୍ଗ କ୍ୟାବିନେଟ ମନ୍ତ୍ରୀ ହୋଇଥିବାରୁ ବଲାଙ୍ଗୀର ଜୀବନରେଖା କୁହାଯାଉଥିବା ଲୋୟର ସୁକତେଲ ପ୍ରକଳ୍ପରୁ ନିର୍ବାଚନ ମଣ୍ଡଳୀର ୩ ବ୍ଲକର ୧୮ ପଞ୍ଚାୟତକୁ ଜଳସେଚନ ଆଶା ଉଜ୍ଜୀବିତ ହୋଇଛି।

ସୂଚନାଯୋଗ୍ୟ ୨୦୦୧ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ପ୍ରକଳ୍ପ ଉଦ୍‌ଘାଟନ କରିଥିଲେ। ଦୀର୍ଘ ୨୩ବର୍ଷ ପରେ ୨୦୨୪ ଜାନୁଆରୀ ୩ରେ ପ୍ରକଳ୍ପର ଲୋକାର୍ପଣ ମଧ୍ୟ କରିଥିଲେ । ପ୍ରକଳ୍ପ ଆରମ୍ଭ ବେଳେ ପ୍ରସ୍ତୁତ ଡିପିଆର୍‌ରେ ଖୋଲା କେନାଲ ମାଧ୍ୟମରେ ସମସ୍ତ ଅଞ୍ଚଳକୁ ଜଳସେଚନ ପାଇଁ ପଦକ୍ଷେପ ନିଆଯାଇଥିଲା। ବାମ କେନାଲରେ ୫୫ ଏବଂ ଡାହାଣ କେନାଲରେ ୪୫ ପ୍ରତିଶତ ଜଳସେଚନ ଲକ୍ଷ୍ୟ ରହିଥିଲା। ହେଲେ ପରବର୍ତ୍ତୀ ସମୟରେ ଏହି ପ୍ରକଳ୍ପର ଡିପିଆରକୁ ପରିବର୍ତ୍ତନ କରି ଖୋଲା କେନାଲ ବଦଳରେ ଭୂତଳ ପାଇପ ଲାଇନ ଜରିଆରେ ଜଳ ସେଚନ ପଦକ୍ଷେପ ନିଆଯାଇଛି। ଏ ନେଇ କାର୍ଯ୍ୟ ମଧ୍ୟ ଚାଲିଛି। ହେଲେ ଡିପିଆର୍ ପରିବର୍ତ୍ତନ ବେଳେ ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ଅଞ୍ଚଳକୁ ଜଳସେଚନ ଉପରେ ଗୁରୁତ୍ୱାରୋପ କରି ଲୋଇସିଂହା ନିର୍ବାଚନ ମଣ୍ଡଳୀର ୩ ବ୍ଲକର ୧୮ ପଞ୍ଚାୟତକୁ ବାଦ ଦିଆଯାଇଛି । ବଲାଙ୍ଗୀର ଜିଲାର ପ୍ରକଳ୍ପ ହୋଇ ଜିଲାର ଚାଷୀ ପ୍ରକଳ୍ପରୁ ଜଳସେଚନରୁ ବାଦ ପଡୁଥିବାରୁ ଆଗଲପୁର ବ୍ଲକର ୫ଟି ପଞ୍ଚାୟତର ଚାଷୀ କୃଷକ ସଂଘର୍ଷ ସମିତି ଗଠନ କରି ବିଭିନ୍ନ ସମୟରେ ଆନ୍ଦୋଳନକୁ ଓହ୍ଲାଇଥିଲେ। ୨୦୨୪ ନିର୍ବାଚନ ପୂର୍ବରୁ ଲୋଇସିଂହା ବ୍ଲକର ଚାଷୀ ଉକ୍ତ ସଂଗଠନରେ ଯୋଡି ହୋଇଥିଲେ। ଚାଷୀ ସଂଗଠନ ପକ୍ଷରୁ ଭୋଟ ବର୍ଜନ ପାଇଁ ଜିଲା ପ୍ରଶାସନକୁ ଚେତାବନୀ ଦିଆଯାଇଥିଲା। ସେତେବେଳେ ନିର୍ବାଚନ ଆଚରଣ ବିଧି ଲାଗୁ ହୋଇଥିବା କହି ଜିଲା ପ୍ରଶାସନ ପକ୍ଷରୁ ଚାଷୀ ଜାଗରଣ ସଚେତନତା କାର୍ଯ୍ୟକ୍ରମକୁ ରୋକିଥିଲେ । ଆଚରଣ ବିଧି ହଟିଲା ପରେ ଚାଷୀ ପ୍ରତିନିଧିଙ୍କୁ ଡାକି ଆଲୋଚନା କରିବାକୁ ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା। ଭାଜପା ନୂତନ ସରକାର କରିଥିବାରୁ ଏବଂ ସ୍ଥାନୀୟ ବିଧାୟକ ମହାଲିଙ୍ଗ ମନ୍ତ୍ରୀ ମଣ୍ଡଳରେ ସ୍ଥାନ ପାଇଥିବାରୁ ଜଳ ସେଚନ ଆଶା ଉଜ୍ଜିବୀତ ହୋଇଛି। ହେଲେ ଜିଲା ପ୍ରଶାସନ ତାଙ୍କ ପ୍ରତିଶ୍ରୁତି ରଖିପାରି ନ ଥିବା ସବାପତି ରତ୍ନାକର ମିଶ୍ର କହିଛନ୍ତି। ଆସନ୍ତା ସୋମବାର ମନ୍ତ୍ରୀ ମହାଲିଙ୍ଗ ଆସୁଛନ୍ତି। ତାଙ୍କୁ ସଂଗଠନ ପକ୍ଷରୁ ଅଭିନନ୍ଦନ ଜଣାଇ ଗତ ନିର୍ବାଚନୀ ସଭା ଏବଂ ଲୋୟର ସୁକତେଲ ପ୍ରକଳ୍ପକୁ ନେଇ ହୋଇଥିବା ଆଲୋଚାନ ଚକ୍ରର ପ୍ରତିଶ୍ରୁତି ମନେପକାଇ ଦିଆଯିବ ବୋଲି ସଂଗଠନର ସକ୍ରିୟ ସଦସ୍ୟ ଶ୍ୟାମସୁନ୍ଦର ବିଶ୍ୱାଳ, ଯୁଧିଷ୍ଠିର ପଧାନ କହିଛନ୍ତି।

## ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

**ଲାଞ୍ଜିଗଡ,୧୫।୬(ରମେଶ ଚନ୍ଦ୍ର ନାୟକ)**

କଳାହାଣ୍ଡି ଜିଲା ଲାଞ୍ଜିଗଡ ଥାନା ଲାଞ୍ଜିଗଡ କଲୋନି ପଡ଼ାଠାରେ ଶୁକ୍ରବାର ଘର ଭିତରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ ହୋଇଛି। ମୃତକ ହେଲେ ଦୀପକ ଦୁର୍ଗା(୩୨)। ସୂଚନାକ୍ରମେ ଭବାନୀପାଟଣା ବଡ଼ପଡାର ଦୀପକ ଲାଞ୍ଜିଗଡ କଲୋନୀ ପଡାରେ ବାହାହୋଇ ଶ୍ୱଶୁର ଘରେ ରହି ଲାଞ୍ଜିଗଡରେ ଥିବା ବେଦାନ୍ତ କାରଖାନାର ଏକ ସହଯୋଗୀ କମ୍ପାନୀରେ କାମ କରୁଥିଲେ। ପୂର୍ବରୁ ଶ୍ୱଶୁରଙ୍କ ମୃତ୍ୟୁ ଘଟିଥିବା ବେଳେ ବିବାହର କିଛିବର୍ଷ ପରେ ନିଜ ସ୍ତ୍ରୀ ଓ ଶାଶୁଙ୍କର ମଧ୍ୟ ଦେହାନ୍ତ ହୋଇସାରିଛି। ଏହା ପରେ ବି ସେ କମ୍ପାନୀରେ କାମକରି ଚଳୁଥିଲେ। କିନ୍ତୁ ଶୁକ୍ରବାର ସନ୍ଧ୍ୟାରେ ସାହିପଡିଶା ଲୋକେ ଦୀପକଙ୍କୁ ଝୁଲନ୍ତା ଅବସ୍ଥାରେ ଦେଖି ତାଙ୍କ ଘର ଲୋକଙ୍କୁ ଖବର ଦେଇଥିଲେ। ତାଙ୍କୁ ଲାଞ୍ଜିଗଡ ଡାକ୍ତରଖାନା ନିଆଯାଇଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ। ଦୀପକଙ୍କ ବଡଭାଇ ପୂର୍ଣ୍ଣ ଚନ୍ଦ୍ର ଦୁର୍ଗା ଲାଞ୍ଜିଗଡ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଟିମ୍ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରିଥିଲେ। ଶନିବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ଲାଞ୍ଜିଗଡ ଥାନାରେ ଏକ ମାମଲା (ନଂ.୩/୨୪) ରୁଜୁକରି ପୋଲିସ ତଦନ୍ତ ଚଳାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସତ୍ୟାସତ୍ୟ ସାମ୍ନାକୁ ଆସିବ ବୋଲି ତଦନ୍ତ ଦାୟିତ୍ୱରେ ଥିବା ଏଏସ୍‌ଆଇ ବଳଭଦ୍ର ଗଉଡ଼ ପ୍ରକାଶ କରିଛନ୍ତି।

## ଗାଁ ରାସ୍ତା କାଦୁଅ ପଚପଚ



ଗାଁ ରାସ୍ତା କାଦୁଅ ପରିପୂର୍ଣ୍ଣ।

**ଖଡ଼ିଆଳ,୧୫।୬ (ସୁଜିତ କୁମାର ପ୍ରଧାନ)**

ନୂଆପଡା ଜିଲା ଖଡ଼ିଆଳ ବ୍ଲକ ପଦ୍ମପୁର ଗ୍ରାମର ବସ୍ତି ରାସ୍ତା ବର୍ଜ୍ୟଜଳ ଓ କାଦୁଅରେ ପରିପୂର୍ଣ୍ଣ ହୋଇରହିଛି। ଫଳରେ ଗ୍ରାମବାସୀ ଯାତାୟାତରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ରାସ୍ତାରେ ଗାଁର ପ୍ରାୟ ୩ ଶହ ପରିବାର ନିର୍ଭର କରୁଛନ୍ତି। ଗ୍ରାମବାସୀଙ୍କ କହିବା କଥା ପାଖାପାଖି ୨୦୦ ମିଟର ରାସ୍ତାରେ ବର୍ଷସାରା ପାଣି ଜମା ହୋଇ କର୍ଦ୍ଦମାକ୍ତ ହୋଇପଡିଛି। ଫଳରେ ଦୁଇଚକିଆ କିମ୍ବା ଚାରିଚକିଆ ଯାନ ଯାତାୟାତ ବେଳେ କାଦୁଅ ଛିଟିକି ଦୁର୍ଗନ୍ଧ ହେଉଛି। ବାଧ୍ୟ ହୋଇ ଗ୍ରାମବାସୀ, ଛାତ୍ରୀଛାତ୍ର ଏ ରାସ୍ତା ଦେଇ ପ୍ରତିଦିନ ଯିବାଆସିବା କରୁଛନ୍ତି। ପୂଜାପାର୍ବଣ ହେଲେ ୧୦ଦିନ ପୂର୍ବରୁ ରାସ୍ତାକଡ଼ରେ ଥିବା ନଳକୂପ ଓ ପାଇପ ପାଣିକୁ ବନ୍ଦ କରିବାକୁ ପଡୁଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ଫଳରେ ଗ୍ରାମବାସୀ ପାନୀୟ ଜଳରୁ ବଞ୍ଚିତ ହୋଇ ଫ୍ଲୋରାଇଡ ଯୁକ୍ତ ଅନ୍ୟ ଏକ ନଳକୂପର ପାଣି ବ୍ୟବହାର କରିଥାନ୍ତି। ଏ ଦିଗରେ ବ୍ଲକ ପ୍ରଶାସନ ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ବୟସ୍କଙ୍କୁ ସମ୍ମାନ, ସୁରକ୍ଷା ଦେବାକୁ ଗୁରୁତ୍ୱ

**ଅମରପାଲି,୧୫।୬(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବରିଷ୍ଠ ନାଗରିକ ସଙ୍ଗଠନଠାରେ ଶନିବାର ବିଶ୍ୱ ବରିଷ୍ଠ ହତାଦର ସଚେତନତା ଦିବସ ପାଳିତ ହୋଇଯାଇଛି। ସଂଘ ସଭାପତି ଡ.ପ୍ରଫୁଲ୍ଲ କୁମାର ରଥ ଏଥିରେ ସଭାପତିତ୍ୱ କରି ଚଳିତ ବର୍ଷ ଏହି ଦିବସ ପାଳନର ବିଷୟବସ୍ତୁ ଉପରେ ଆଲୋକପାତ କରିଥିଲେ। ସଙ୍କଟ ସମୟରେ ବୟସ୍କଙ୍କୁ ସମ୍ମାନ ଓ ସୁରକ୍ଷା ଯୋଗାଇ ଦେବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ସମାଜରେ ବରିଷ୍ଠଙ୍କ ହତାଦର ଓ ତା'ର ନିରାକରଣ ପ୍ରସଙ୍ଗ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ଶିକ୍ଷାବିତ କୃଷ୍ଣଚନ୍ଦ୍ର ପାଢ଼ୀ ମୁଖ୍ୟ ଅତିଥି, ଅବସରପ୍ରାପ୍ତ ହାଇସ୍କୁଲ ଶିକ୍ଷକ ଭଗବାନ ମିଶ୍ର, ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଅବସରପ୍ରାପ୍ତ ହାଇସ୍କୁଲ ଶିକ୍ଷକ ଭୂଷଣ କୁମାର ପାତ୍ର ସମ୍ମାନୀତ ଅତିଥିଭାବେ ଯୋଗଦେଇ ନିଜର ମତ ରଖିଥିଲେ। ପ୍ରାରମ୍ଭରେ ସଂଘ ସମ୍ପାଦକ ସନ୍ତୋଷ କୁମାର ଷଡଙ୍ଗୀ ଉଦ୍ଦେଶ୍ୟ ଜ୍ଞାପନ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। କୋଷାଧ୍ୟକ୍ଷ ଦୟାନିଧି ହୋତା ଧନ୍ୟବାଦ ଅର୍ପଣ କରିଥିଲେ। ସଂଘର ବରିଷ୍ଠ ସଭ୍ୟ ସୁଦାମ ଚରଣ ସେଠୀ, ରମେଶ ପଣ୍ଡା, ଶ୍ରୀନିବାସ ଅଗ୍ରୱାଲା, ରାଧେଶ୍ୟାମ ରାୟ, ନାରାୟଣ ନାଏକ, ଭୀମସେନ ବାରିକ, ଗୋପୀନାଥ ମହାକୁର, ଧ୍ରୁବଚରଣ ଦାଶ, ଧନୁ ପଧାନ, ବଳରାମ କାଣ୍ଡ, ସୌମିତ୍ରୀ ମେହେର, ଅକ୍ରୁର ଦନ୍ତା, ବାସୁଦେବ ପଣ୍ଡା, ବାସୁଦେବ ରଥ, ଅକ୍ଷୟ ମିଶ୍ର, ଦିଲ୍ଲୀପ ମିଶ୍ର, ଦିଲ୍ଲୀପ ତ୍ରିପାଠୀ ଏଥିରେ ଯୋଗ ଦେଇଥିଲେ।



ଦିବସ ପାଳନ କାର୍ଯ୍ୟକ୍ରମରେ ଉପସ୍ଥିତ ବରିଷ୍ଠ ନାଗରିକମାନେ।



ନିରାକାର ଚତୁର୍ଭୁଜ ବୁଢାଦେଓ ଓ ରାଣୀ ଦୁର୍ଗାବତୀଙ୍କ ପୂଜା କାର୍ଯ୍ୟ ଚାଲିଛି ।

## ନିରାକାର ଚତୁର୍ଭୁଜ ବୁଢାଦେଓ, ରାଣୀ ଦୁର୍ଗାବତୀଙ୍କ ପୂଜା

**ନୂଆପଡା,୧୫।୬ (ମକାରୁ ବେମାଲ)**

ନୂଆପଡା ଜିଲା କୋମନା ବ୍ଲକ ଅଧୀନ ଦାନୋଝଲା ସର୍କଲ ମାନିଗୁଡା ଗାଁ ସାଲେପଡ଼ାଠାରେ ନିରାକାର ଚତୁର୍ଭୁଜ ବୁଢାଦେଓ ଓ ରାଣୀ ଦୁର୍ଗାବତୀଙ୍କ ପୂଜା ଶନିବାର ଅନୁଷ୍ଠିତ ହୋଇଯାଇଛି। ମାନିଗୁଡା ପୂର୍ବତନ ସରପଞ୍ଚ ରାମସିଂ ମାଝିଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମାଧବ ପ୍ରସାଦ ସାହୁ ମୁଖ୍ୟଅତିଥି, ଅନୁପ ସିଂ ମାଝି ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଗ୍ରାମ ଝାଙ୍କର କଣ୍ଠୁ ମାଝି ଆରାଧ୍ୟ ଦେବତା ଚତୁର୍ଭୁଜ ବୁଢାଦେଓ ଓ ରାଣୀ ଦୁର୍ଗାବତୀଙ୍କ ପୂଜାର୍ଚ୍ଚନା କରିଥିଲେ। ଏହି ପୂଜା କରିବା ଦ୍ୱାରା ଭଲ ବର୍ଷା ହୋଇ ଧନଧାନ୍ୟରେ ପରିପୂର୍ଣ୍ଣ ହୋଇ ସମସ୍ତଙ୍କ ମଙ୍ଗଳ ହୋଇଥାଏ ବୋଲି ବିଶ୍ୱାସ ରହିଥିବାରୁ ପ୍ରତିବର୍ଷ ମିଥୁନ ସଂକ୍ରାନ୍ତି ଦିନ ପାଳନ କରିଥାନ୍ତି । ମିଥୁନ ସଂକ୍ରାନ୍ତି ଦିନ ଭୂମି ରଜବତୀ କହି ଚାଷୀ ଚାଷ କାମ ବନ୍ଦ କରିବା ସହ ଅନ୍ୟ ଶ୍ରମିକ ଶ୍ରେଣୀ ଲୋକେ କୌଣସି କାମ ନ କରୁଥିବାରୁ ମାନିଗୁଡା ଗାଁର ସମସ୍ତ ଗୌଣ୍ଡ ସମ୍ପ୍ରଦାୟର ଲୋକେ ଏକାଠି ହୋଇ ପୂଜାରେ ମନ ବଳାଇଥାନ୍ତି। ଗାଁ ଲଗନିଆ ବିଶୃ ମାଝି, ଦୁକାଲୁ ମାଝି, ରାଜୁ ମାଝି, କାଳିଆ ମାଝି, କପୁର୍ଚନ ମାଝି, ଭୂବନ ମାଝି, ଘନଶ୍ୟାମ ସମରଥ, ରେଙ୍ଗ ମାଝି ପୂଜା କାର୍ଯ୍ୟ ଆୟୋଜନ କରିଥିବା ବେଳେ ଉଦେରାମ ମାଝି, ବିଶେଶ୍ୱର ମାଝି, ଭାଗ ମାଝି, ଭାମସିଂ ବିଶି ପ୍ରମୁଖ ସହଯୋଗ କରିଥିଲେ ।

## ଧାନ କଟ୍‌ନୀ ନେଇ ଚାଷୀ ଅସନ୍ତୋଷ

**ଦେଓଗାଁ,୧୫।୬ (କୃଷ୍ଣ ପ୍ରସାଦ ପାଣିଗ୍ରାହୀ)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକର ୧୧ଟି ପ୍ୟାକ୍ସରେ ରବିଧାନ କ୍ରୟ ଚାଲିଛି। ତେବେ କେତେକ ପ୍ୟାକ୍ସରେ ମିଲର୍ସମାନେ ମନମାନି ଚଲାଇ ୬ରୁ ୭ କେଜି ଲେଖାଏ କଟନୀ କରୁଥିବାରୁ ଚାଷୀମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଦୁଇଦିନ ତଳେ କେତେଜଣ ଚାଷୀ ଦେଓଗାଁ ପ୍ୟାକ୍ସରୁ ନିକଟସ୍ଥ ଏକ ମିଲକୁ ଧାନ ନେଇଥିଲେ। ସେଠାରେ ମିଲର୍ସ ଏଫଏକ୍ୟୁ ମାନ ନ ଥିବା କହି ୬ରୁ ୭କେଜି ଧାନ କାଟିଥିଲେ। ଗାଇବାହାଲର ଚାଷୀ ରାଧେଶ୍ୟାମ ପୋଢ଼ କହନ୍ତି, ମିଲକୁ ୫୪ କୁଇଣ୍ଟାଲ ଧାନ ବିକ୍ରି ପାଇଁ ନେଇଥିଲି। ମୋଠୁ ୫କେଜି ଧାନ କଟନୀ କରାଯାଇଛି। ଏ ଦିଗରେ ପ୍ରଶାସନ ସ୍ୱତନ୍ତ୍ର ଦୃଷ୍ଟି ଦେବାକଥା ବୋଲି ସେ ପ୍ରକାଶ କରିଥିଲେ । ଏ ନେଇ ଏଆର୍‌ସିଏସ୍ ରାଧାକୃଷ୍ଣ ମେହେରଙ୍କୁ ପଚାରିବାରୁ ଚାଷୀ ପ୍ୟାକ୍ସରେ ଧାନ ଦେବାକଥା। କିନ୍ତୁ କିଛି ଚାଷୀ ସିଧାସଳଖ ମିଲକୁ ନେଉଥିବାରୁ ସେଠାରେ ମିଲର୍ସମାନେ ତାଙ୍କ ମନମାନି କରୁଛନ୍ତି । ଏ ଦିଗରେ ତଦନ୍ତ କରାଯିବ ବୋଲି କହିଥିଲେ।

## ମାନିଗୁଡ଼ାଠାରେ ନିଆରା ରଜପର୍ବ

**ନୂଆପଡ଼ା,୧୫।୬ (ମକାରୁ ବେମାଲ)**

ନୂଆପଡ଼ା ଜିଲା କୋମନା ବ୍ଲକ ମାନିଗୁଡା ପଞ୍ଚାୟତ କାର୍ଯ୍ୟାଳୟଠାରେ ଶନିବାର ନିଆରା ଢଙ୍ଗରେ ରଜପର୍ବ ପାଳିତ ହୋଇଯାଇଛି। ମାନିଗୁଡା ଗାଁର ୮ ୱାର୍ଡରେ ବସବାସ କରୁଥିବା ଗୌଣ୍ଡ ସମ୍ପ୍ରଦାୟର ଲୋକମାନେ ସଭାର ଆଲୋଚନା ଅନୁଯାୟୀ ରଜପର୍ବ ଦିନ ଘରେ ନିଆଁ ପାଣି ବନ୍ଦ ରଖିଥିଲେ। ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ଭଳି ରଜପର୍ବ ପାଳନ କରି ସମସ୍ତେ ଏକାଠି ବସି ଭୋଜିଭାତର ମଜା ନେଇଥିଲେ। ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଏକ ବଡ ବଟବୃକ୍ଷରେ ରଜଦୋଳି କରି ପ୍ରଥମ ଥର ଭିନ୍ନ ଏକ ପରମ୍ପରାରେ ପର୍ବ ପାଳନ କରିଥିଲେ। ଗାଁ ଝାଙ୍କର କଣ୍ଠୁ ମାଝି ଆରାଧ୍ୟ ଦେବତାଙ୍କୁ ପୂଜାର୍ଚ୍ଚନା କଲା ପରେ ମୁଖ୍ୟଅତିଥି ମାଧବ ପ୍ରସାଦ ସାହୁ ରଜଦୋଳି ଶୁଭ ଉଦ୍‌ଘାଟନ କରିଥିଲେ। ପରେ କୁଆରୀ ଝିଅମାନେ ନୂତନ ବସ୍ତ୍ର ପରିଧାନ କରି ରଜ ଦୋଳିରେ ଝୁଲି ମଜା ନେଇଥିଲେ। କୁଚିପୁଡି, ଖୋଖୋ, ଝୋଟି, ମ୍ୟୁଜିକ ଚେୟାର ଆଦି ଭଳି ଅନେକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ମନୋରଞ୍ଜନ କାର୍ଯ୍ୟକ୍ରମରେ ରାଧାକୃଷ୍ଣ ମହିଳା ସଂକୀର୍ତ୍ତନ ଦଳ ଯୋଗ ଦେଇଥିଲା। ଗାୟକ ପଦ୍ମିନି ମାଝି, ବାୟକ ସତ୍ୟାନନ୍ଦ ମେହେର, ବାସନ୍ତି ମାଝି, ଚନ୍ଦନ ବାଗ, ବନିତା ମିର୍ଦ୍ଧା, ଜ୍ୟୋତ୍ସ୍ନା ମିର୍ଦ୍ଧାସ୍ତ ଓ ସାଥୀ ସଂକୀର୍ତ୍ତନ ପରିବେଷଣ କରିଥିଲେ। ଆଶାରାମ ମାଝି, ଧବନ ମାଝି, ତୁଲାରାମ ମାଝି, ଖଗେଶ୍ୱର ମାଝି, ସୁବନ ମାଝି ପ୍ରମୁଖ ପରିଚାଳନା କରିଥିଲେ ।



ରଜପର୍ବରେ ସାମିଲ ହୋଇଥିବା ମହିଳା, ଯୁବତୀ ଓ ପିଲାମାନେ।

## ଅବସର ପରେ ବି ଶିକ୍ଷକଙ୍କୁ ମିଳୁନି ସମ୍ପୂର୍ଣ୍ଣ ପେନ୍‌ସନ

**ଭବାନୀପାଟଣା,୧୫।୬ (ଉତ୍ତମ କୁମାର ଦାଶ)**

ସରକାରୀ କର୍ମଚାରୀ ଅବସର ପାଇବା ପରେ ପେନ୍‌ସନ୍ ପାଇବା ପାଇଁ ସରକାରୀ ବ୍ୟବସ୍ଥା ରହିଛି। ହେଲେ କଳାହାଣ୍ଡି ଜିଲା ଶିକ୍ଷା ବିଭାଗରେ କାର୍ଯ୍ୟରତ ସରକାରୀ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକମାନେ ଅବସର ନେବାର ଦୀର୍ଘଦିନ ପରେ ବି ସମ୍ପୂର୍ଣ୍ଣ ପେନ୍‌ସନ୍ ପାଇନାହାନ୍ତି। ଅବସରପ୍ରାପ୍ତ ଶିକ୍ଷକମାନେ ବାରମ୍ବାର ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟକୁ ଦୌଡୁଥିବାବେଳେ ସୁଫଳ ପାଇନାହାନ୍ତି। ଭବାନୀପାଟଣା ସଦର ବ୍ଲକରେ ୯୯ଜଣ ଅବସରପ୍ରାପ୍ତ ଶିକ୍ଷକ ସମ୍ପୂର୍ଣ୍ଣ ପେନ୍‌ସନ୍ ପାଇ ନ ଥିବା ଜଣାପଡିଛି। ସେହିପରି କେସିଙ୍ଗା ବ୍ଲକର ୫୧ଜଣ, ନର୍ଲା ବ୍ଲକର ୧୪,ଏମ୍ ରାମପୁର ବ୍ଲକର ୯, କର୍ଲାମୁଣ୍ଡା ଓ ଲାଞ୍ଜିଗଡ ବ୍ଲକର ୧୭, ଥୁଆମୂଳ ରାମପୁର ବ୍ଲକର ୯, ଜୁନାଗଡ ବ୍ଲକର ୨୬, କଲମପୁର ବ୍ଲକର ୨୧, ଧର୍ମଗଡ ବ୍ଲକର ୧୬ ଓ ଗୋଲାମୁଣ୍ଡା ବ୍ଲକର ୯ ଜଣ ଓ ଅବଶିଷ୍ଟ ଜୟପାଟଣା ଓ କୋକସରା ବ୍ଲକକୁ ମିଶାଇ ଜିଲାରେ ସମୁଦାୟ ୩୩୪ ଜଣ ଶିକ୍ଷକ ଅବସର ପରେ ମଧ୍ୟ ସମ୍ପୂର୍ଣ୍ଣ ବା ନିୟମିତ ପେନ୍‌ସନ୍ ପାଇନାହାନ୍ତି।




କଳାହାଣ୍ଡି ଜିଲା ଶିକ୍ଷା କାର୍ଯ୍ୟାଳୟ।

ଭବାନୀପାଟଣା ସହରର ସ୍ୱର୍ଗତ ଆବାସ ହୁସେନ ପୂର୍ବରୁ ସଦର ବ୍ଲକ ଅନ୍ତର୍ଗତ କାଶିପଦର ସ୍କୁଲରେ ଶିକ୍ଷକତା କରୁଥିଲେ। ହେଲେ ତାଙ୍କ ମୃତ୍ୟୁର ୩ବର୍ଷ ପରେ ମଧ୍ୟ ତାଙ୍କ ସ୍ତ୍ରୀ ସମସୁନ ନିଶା ପରିବାର ପେନସନ୍ ସମ୍ପୂର୍ଣ୍ଣ ଭାବେ ପାଇ ପାରୁନାହାନ୍ତି। ଏପରି କି ଗ୍ରାଚୁଇଟି, ଗ୍ରୁପ ଇନ୍‌ସ୍ୟୁରାନ୍ସ ଇତ୍ୟାଦି ମଧ୍ୟ ମିଳିନାହିଁ। ପେନସନ୍ ଉପରେ ସ୍ତ୍ରୀ ସାମସୁନ ନିଶା ଓ ପୁଅ ନିର୍ଭରଶୀଳ। କିନ୍ତୁ ସ୍ଥାୟୀ ପେନ୍‌ସନ୍ ନ ପାଇ ସେମାନେ ହଇରାଣ ହେଉଛନ୍ତି। ସେହିପରି ଅବସରପ୍ରାପ୍ତ ଶିକ୍ଷକ ଜଗଦୀଶ ଚଲାନ ଜଣେ ଭିନ୍ନକ୍ଷମ। ଶାରୀରିକ ଭାବେ ସେ ୭୦ ପ୍ରତିଶତ ଭିନ୍ନକ୍ଷମ ବୋଲି ସରକାରୀ ପ୍ରମାଣପତ୍ର ରହିଛି। ଗୋଟିଏ ସ୍ଥାନରେ ବେଶୀ ସମୟ ବସିବା ତାଙ୍କ ପକ୍ଷରେ ସମ୍ଭବ ମଧ୍ୟ ନୁହଁ। ଅଥଚ ତାଙ୍କ ଅବସରର ୨ବର୍ଷ ପରେ ମଧ୍ୟ ଅସ୍ଥାୟୀ ପେନ୍‌ସନ୍‌ରେ ସନ୍ତୁଷ୍ଟ ହେବାକୁ ପଡୁଛି। ଏହାକୁ ନେଇ ସେ ବାରମ୍ବାର ସ୍ଥାନୀୟ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟକୁ ଦୌଡିଥିଲେ ମଧ୍ୟ ନିରାଶ ହେବାକୁ ପଡିଥିଲା। ଏପରି ବ୍ୟତିକ୍ରମ ନେଇ ଗତ ମେ ମାସରେ ସେ ରାଜ୍ୟ ଭିନ୍ନକ୍ଷମ କମିଶନରଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଏ ସମ୍ପର୍କରେ ଜିଲା ଶିକ୍ଷାଧିକାରୀ ସୁଶାନ୍ତ କୁମାର ଚୋପଦାରଙ୍କୁ ପଚାରିବାରୁ କାଗଜପତ୍ର ଅଭାବରୁ ଏପରି ସମସ୍ୟା ସୃଷ୍ଟି ହୋଇଛି। ଜିଲାର ସମସ୍ତ ବ୍ଲକରେ ଥିବା ବିଇଓଙ୍କ ସହ ଆଲୋଚନା କରି ଏହି ସମସ୍ୟାର ସମାଧାନ କରାଯିବ ବୋଲି କହିଥିଲେ।

**କଳାହାଣ୍ଡି ଜିଲା**

## ସଂକ୍ଷେପରେ

### ଟ୍ରେନରୁ ଖସି ଯୁବକ ମୃତ

**ରାଉରକେଲା,୧୫।୬(ଦିନେଶ ମିଶ୍ର):** ରାଉରକେଲା ଡାଉନ୍ ରେଳ ଲାଇନ୍‌ରେ କୁଲୁଙ୍ଗା ରେଳ ଷ୍ଟେଶନ ନିକଟରେ ଜଣେ ଯୁବକ ଚଳନ୍ତା ଟ୍ରେନ୍‌ରୁ ଖସିପଡି ମୃତ୍ୟୁ ଘଟିଛି। ଖବର ଲେଖା ହେବା ପର୍ଯ୍ୟନ୍ତ ରାତି ୯ଟା ମୃତକଙ୍କ ପରିଚୟ ମିଳିପାରି ନାହିଁ। ଏନେଇ ପୋଲିସ ନଂ ୩୮/୨୯ରେ ଏକ ମାମଲା ରୁଜୁ କରିଛି। ପୋଲିସ କହିବା ଅନୁଯାୟୀ,ରାଉରକେଲା ଦକ୍ଷିଣ-ପୂର୍ବ ରେଳଧାରଣାରେ କୁଲୁଙ୍ଗା ଷ୍ଟେଶନ ନିକଟରେ ଜଣେ ଯୁବକ କୌଣସି ଚଳନ୍ତା ଟ୍ରେନ୍‌ରୁ ଖସି ପଡିଥିଲେ। ଏହି ଦୃଶ୍ୟ ଦେଖି ସ୍ଥାନୀୟ ଲୋକେ ଜିଆରପି ପୋଲିସକୁ ଖବର ଦେଇଥିଲେ। ପରେ ରାଉରକେଲା ଜିଆରପି ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଯୁବକଙ୍କୁ ଉଦ୍ଧାର କରି ଆରଜିଏଚ୍‌ରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ଟ୍ରେନ୍ ଭିତରୁ ବୃଦ୍ଧାଙ୍କ ମୃତଦେହ ଜବତ

ରାଉରକେଲା,୧୫।୬(ଦିନେଶ ମିଶ୍ର): ଇସ୍ପାତ ସୁପର ଫାଷ୍ଟ ଏକ୍ସପ୍ରେସ୍ ଟ୍ରେନ ଭିତରୁ ରାଉରକେଲା ଜିଆର୍‌ପି ପୋଲିସ ଶନିବାର ଜଣେ ବୃଦ୍ଧାଙ୍କ ମୃତଦେହ ଜବତ କରିଛି। ମୃତା ମହିଳା ହେଲେ ବାସନ୍ତୀ ମହନ୍ତ(୬୫)। ଏନେଇ ଜିଆର୍‌ପି ପୋଲିସ(ନଂ. ୩୯।୨୪)ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ, ବାସନ୍ତୀ ଟ୍ରେନ ଭିତରେ ଭିକ୍ଷାବୃତ୍ତି କରନ୍ତି। ଶନିବାର ଇସ୍ପାତ ଟ୍ରେନ ଭିତରେ କୌଣସି କାରଣ ଯୋଗୁ ତାଙ୍କ ମୁଣ୍ଡ ବୁଲାଇଥିଲା। ଫଳରେ ତାଙ୍କର ମୃତ୍ୟୁ ଘଟିଥିଲା। ରାଉରକେଲା ଷ୍ଟେଶନରେ ଟ୍ରେନ ପହଞ୍ଚିବା ପରେ ଜିଆର୍‌ପି ପୋଲିସ ମୃତଦେହ ଜବତ କରିଥିଲା।

### ସଡ଼କ ଦୁର୍ଘଟଣାରେ ଜଣେ ମୃତ

**ବନ୍ଧମୁଣ୍ଡା,୧୫।୬(ସୁବ୍ରତ ଦେ):** ବନ୍ଧମୁଣ୍ଡା-ରାଉରକେଲା ମୁଖ୍ୟ ରାସ୍ତାର ଉତ୍ତମବସ୍ତି ନିକଟରେ ଶନିବାର ଅପରାହ୍ଣରେ ଏକ ସଡ଼କ ଦୁର୍ଘଟଣାରେ ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବନ୍ଧମୁଣ୍ଡା ଫୁଲୱାରୀର ବଦ୍ୟାଧର ସାହୁ(୪୬)। ଏନେଇ ବନ୍ଧମୁଣ୍ଡା ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ସୂଚନା ଅନୁଯାୟୀ, ବିଦ୍ୟାଧର ଶନିବାର ଅପରାହ୍ଣରେ ଏକ ସ୍କୁଟି ଯୋଗେ ରାଉରକେଲା ଯାଉଥିଲେ। ଏହି ସମୟରେ ଏକ ବାଇକ ସହ ତାଙ୍କର ମୁହାଁମୁହିଁ ଧକ୍କା ହୋଇଥିଲା। ଘଟଣା ସ୍ଥଳରେ ହିଁ ବିଦ୍ୟାଧରଙ୍କ ମୃତ୍ୟୁ ଘଟିଥିଲା। ବାଇକରେ ଥିବା ୩ ଜଣ ଯୁବକ ଗୁରୁତର ଆହତ ହୋଇ ରାଉରକେଲା ସରକାରୀ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ପୋଲିସ ଦୁର୍ଘଟଣା ସ୍ଥଳରୁ ୨ଟି ଗାଡି ଜବତ କରିଛି।

### ଗଛରେ ପିଟିହୋଇ ବାଇକ୍ ଚାଳକଙ୍କ ମୃତ୍ୟୁ

ବଡ଼ଗାଁ,୧୫।୬(ଅଶୋକ ଷଡ଼ଙ୍ଗୀ): ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ସାହାଜବାହାଲରୁ ଏକମା ଯାଇଥିବା ରାସ୍ତାରେ ଦୁର୍ଘଟଣା ଘଟି ଶୁକ୍ରବାର ଜଣେ ବାଇକ୍ ଚାଳକଙ୍କ ମୃତ୍ୟ ଘଟିଛି। ମୃତକ ହେଲେ ପାମରା ନିକଟ ଗହନୁପଡାର ମାକ୍ସିମସ ଡୁଙ୍ଗଡୁଙ୍ଗ (୬୧)। ଶୁକ୍ରବାର ସନ୍ଧ୍ୟାରେ ମାକ୍ସିମସ ବାଇକ ଯୋଗେ ସାହାଜବାହାଲ ଆସୁଥିବା ବେଳେ ଭାରସାମ୍ୟ ହରାଇ ପାମର ଗାଁ ନିକଟ ରାସ୍ତା କଡରେ ଥିବା ଏକ ଗଛରେ ପିଟି ହୋଇଥିଲେ। ଫଳରେ ଘଟଣା ସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା।



ରାଉରକେଲା ଛେଣ୍ଡ ସ୍ଥିତ ମ୍ୟୁଜିକ ସର୍କଲର ମେହେର ଭବନ ପରିସରରେ ଆୟୋଜିତ ରଜ ସଂକ୍ରାନ୍ତି ଅବସରରେ ଉପସ୍ଥିତ ମହିଳା ଓ ଅନ୍ୟମାନେ।

# ଆଗେଇ ପାରୁନି ଉନ୍ନତିମୂଳକ କାମ

- ସମସ୍ୟା ଭୋଗୁଛନ୍ତି ସହରବାସୀ
- ୪ ମାସ ଭିତରେ କାମ ହେବ କହିଲେ ସିଇଓ

ରାଉରକେଲା,୧୫।୬(ଦିନେଶ ମିଶ୍ର)

ରାଉରକେଲା ସ୍ମାର୍ଟସିଟି ଘୋଷଣା ହେବାର ୧୦ ବର୍ଷ ବିତି ଯାଇଥିଲେ ମଧ୍ୟ ଆଜିଯାଏ ବହୁ ପ୍ରକଳ୍ପ ହୋଇ ନ ଥିବା ଦେଖିବାକୁ ମିଳିଛି। ସହରରେ ସ୍ୱତନ୍ତ୍ର ଟ୍ରାଫିକ୍ ବ୍ୟବସ୍ଥାର ଉନ୍ନତୀକରଣ ସାଙ୍ଗକୁ ସ୍ମାର୍ଟ ପାର୍କିଂ ବ୍ୟବସ୍ଥା, ବସ୍ ଟର୍ମିନାଲ, ବିଦ୍ୟୁତ୍ ତାର ଭୂତଳୀକରଣ, ସ୍ୱଚ୍ଛତା, ସ୍ୱରେଜ ସିଷ୍ଟମ ଭଳି ଅନେକ ଉନ୍ନତିମୂଳକ କାର୍ଯ୍ୟ ହେବାପାଇଁ ଯୋଜନା କରାଯାଇଥିଲା। ଏଥିପାଇଁ ପ୍ରଥମ ପର୍ଯ୍ୟାୟରେ ୩୭୬ କୋଟି ଟଙ୍କା ଅର୍ଥ ମଞ୍ଜୁର କରାଯାଇଥିଲା। ମାତ୍ର ଆଜିଯାଏ ତାହା କାର୍ଯ୍ୟକାରୀ ହୋଇ ନ ଥିବାରୁ ସହରବାସୀ ବହୁ ସୁବିଧାରୁ ବଞ୍ଚିତ ହେଉଥିବା ଅଭିଯୋଗ ହୋଇଛି। ସହରର ପ୍ରମୁଖ ଛକଗୁଡିକରେ ବିଭିନ୍ନ ଅପରାଧମୂଳକ କାର୍ଯ୍ୟ ରୋକିବା ପାଇଁ ଲାଗିଥିବା ସିସି ଟିଭି କ୍ୟାମେରାଗୁଡିକ ଆଜିଯାଏ କାର୍ଯ୍ୟ କରୁ ନ ଥିବାବେଳେ ଏକାଧିକ ଛକରେ ଟ୍ରାଫିକ୍ ସିଗ୍‌ନାଲ ଲାଇଟ କାର୍ଯ୍ୟ କରୁନାହିଁ। ଫଳରେ ସହରରେ ଦିନକୁ ଦିନ ଆପରାଧିକ କାର୍ଯ୍ୟକଳାପ ଓ ବେପାରୁଆ ଗାଡିଚାଳନା ବଢ଼ିବାରେ ଲାଗିଛି। ସେହିଭଳି ସହରର ବିଭିନ୍ନ ସ୍ଥାନରେ ବିଦ୍ୟୁତ୍ ତାର ବିପଦସଙ୍କୁଳ ଅବସ୍ଥାରେ ଝୁଲିରହିଛି। କୌଣସି ସମୟରେ ଅଘଟଣ ଘଟିବ ତାହା କହିହେବ ନାହିଁ। ସହରରେ ପାର୍କିଂ ଏକ ପ୍ରମୁଖ ସମସ୍ୟା ସାଜିଛି। ଡେଲିମାର୍କେଟ, ଉଦିତନଗର, ପାନପୋଷ ମେନ୍‌ରୋଡ, ସିଭିଲଟାଉନ୍‌ଶିପ ମେନ୍‌ରୋଡ ଆଦି ଅଞ୍ଚଳରେ ବେଆଇନ ପାର୍କିଂ ବଢ଼ିବାରେ ଲାଗିଛି। ସ୍ୱରେଜ ବ୍ୟବସ୍ଥା କଥା ନ କହିବା ଭଲ। ସ୍ୱରେଜ କାମ ନିମ୍ନମାନର ହୋଇଥିବାରୁ ବର୍ତ୍ତମାନ ଏକାଧିକ ସ୍ୱରେଜ ଟାଙ୍କିର ପାଣି ମଝିରାସ୍ତାରେ ଭାସୁଥିବା ଦେଖିବାକୁ ମିଳିଛି। ଅନ୍ୟପକ୍ଷେ ପାନପୋଷ ଛକରୁ ଆମ୍ବେଡକର ଛକ ପର୍ଯ୍ୟନ୍ତ ସ୍ମାର୍ଟରୋଡ ବାବଦକୁ ୨୦ କୋଟି ୬୯ ଲକ୍ଷ ଓ ବସ୍ ସେଲ୍‌ଟର ଲାଗି ୨ କୋଟି ୧ ଲକ୍ଷ ସହ ସ୍ମାର୍ଟବସ୍ ଟର୍ମିନାଲ ପାଇଁ ୧୦ କୋଟି ଟଙ୍କା ବ୍ୟୟ ହୋଇଥିବା ବେଳେ ତାହା ବର୍ତ୍ତମାନ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇନାହିଁ। ସ୍ମାର୍ଟସିଟି ପକ୍ଷରୁ ସହରରେ ହେବାକୁ ଥିବା ବହୁ ଉନ୍ନତିମୂଳକ କାର୍ଯ୍ୟ କିଭଳି କରାଯାଇ ପାରିବ ସାଧାରଣରେ ଦାବି ହୋଇଛି। ଏନେଇ ସ୍ମାର୍ଟସିଟି ସିଇଓ ଆଶୁତୋଷ କୁଲକର୍ଣ୍ଣିଙ୍କୁ ପଚାରିବାରୁ, ଆସନ୍ତା ୩ରୁ ୪ ମାସ ଭିତରେ ସ୍ମାର୍ଟସିଟିର ପ୍ରାୟ ଅଧାରୁ ଅଧିକ ଉନ୍ନତିମୂଳକ କାର୍ଯ୍ୟ ଶେଷ ହେବ। ସେଥି ମଧ୍ୟରୁ ସ୍ମାର୍ଟବସ୍ ଟର୍ମିନାଲ ବ୍ୟବସ୍ଥା, ସ୍ମାର୍ଟ ପାର୍କିଂ ବ୍ୟବସ୍ଥା ଓ ଭୂତଳ ବିଦ୍ୟୁତ୍ ସଂଯୋଗୀକରଣ ବ୍ୟବସ୍ଥା ବାଦ୍ ଦିଆଯାଇଛି। ଅକ୍ଟୋବର ଶେଷ ସୁଦ୍ଧା ସ୍ମାର୍ଟସିଟି ପକ୍ଷରୁ ତିଆରି ହୋଇଥିବା ସାଇନ୍ସ ପାର୍କ, ସିସି ଟିଭି କ୍ୟାମେରା ଓ ଟ୍ରାଫିକ୍ ସିଗ୍‌ନାଲ ବ୍ୟବସ୍ଥା କାମ ଖୁବ୍‌ଶୀଘ୍ର ଶେଷ ହେବ ବୋଲି ସିଇଓ କୁଲକର୍ଣ୍ଣି କହିଥିଲେ।


ଉତ୍କଳ ସ୍ନେହୀ ମହିଳା ସମିତିର ସଦସ୍ୟାମାନେ ରଜ ଉତ୍ସବ ପାଳନ କରୁଛନ୍ତି।

## ଉତ୍କଳ ସ୍ନେହୀ ମହିଳା ସମିତି ପକ୍ଷରୁ ରଜ ମିଳନ

ରାଉରକେଲା,୧୬।୬(ଦିନେଶ ମିଶ୍ର)

ଉତ୍କଳ ସ୍ନେହୀ ମହିଳା ସମିତିର ସଦସ୍ୟାମାନେ ରଜ ଉତ୍ସବ ପାଳନ କରିଛନ୍ତି। ସଭାପତି ସବିତା ସାହୁଙ୍କ ନେତୃତ୍ୱରେ ସଦସ୍ୟାମାନେ ସେକ୍ଟର-୨୦ ସ୍ଥିତ ରଶ୍ମିତା ସାହୁଙ୍କ ଘରେ ଏକତିତ୍ର ହୋଇ ରଜ ସଂକ୍ରାନ୍ତି ପାଳନ କରିବା ସହ ନୃତ୍ୟ,ସଙ୍ଗୀତ, ବିଭିନ୍ନ ସୁସ୍ୱାଦୁ ପିଠାପଣା ତିଆରି କରିଥିଲେ। ଏଥିରେ ବିଜୟଲକ୍ଷ୍ମୀ ମିଶ୍ର, ଗୀତା ସେନାପତି, ପ୍ରୀତି କୁମାରୀ ସାହୁ, ଇନ୍ଦିରା ମହାନ୍ତି, ସୁଜୁତା ଷଡଙ୍ଗୀ, ସୁପ୍ରିୟା ମହାନ୍ତିଙ୍କ ସହ ସମିତିର ବହୁ ମହିଳା ଉପସ୍ଥିତ ଥିଲେ।

## ଗରମ,ଗୁଳୁଗୁଳିରେ ଅସ୍ତବ୍ୟସ୍ତ ଜନଜୀବନ

### ୪୨ଡିଗ୍ରୀ ଉପରେ ତାପମାତ୍ରା

ସୁନ୍ଦରଗଡ,୧୫।୬(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡରେ ପ୍ରଚଣ୍ଡ ତାତି ସାଙ୍ଗକୁ ଅସହ୍ୟ ଗରମ ଗୁଳୁଗୁଳିରେ କଳବଳ ହେଉଛି ଜନଜୀବନ। ଶନିବାର ସୁନ୍ଦରଗଡରେ ଦିନର ସର୍ବୋଚ୍ଚ ତାପମାତ୍ରା ୪୨ଡିଗ୍ରୀ ସେଲସିୟସ ରହିଥିଲା। ବର୍ତ୍ତମାନ ସରବତ, ଲସି, ଥଣ୍ଡାପାନୀୟ,ପଇଡ ଓ ଦହିବରାର ଚାହିଦା ବଢୁଛି। ସୁନ୍ଦରଗଡ ଷ୍ଟାଡିୟମ ଛକରେ ଟିମ ଶ୍ମଶାନ ବନ୍ଧୁଙ୍କ ପକ୍ଷରୁ ଏକ ସରବତ ବିତରଣ କେନ୍ଦ୍ର ଖୋଲାଯାଇ ସରବତ ବଣ୍ଟନ କରାଯାଉଛି। ପ୍ରବଳ ଖରା ଯୋଗୁ ସହରରେ ଅଂଶୁଘାତରେ ୪୦ରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିଲା। ହେଲେ ଏଥିମଧ୍ୟରୁ ଅଂଶୁଘାତ ଜନିତ ମୃତ୍ୟୁ ସଂଖ୍ୟା କେତେ ସେ ନେଇ ବର୍ତ୍ତମାନ ସୁଦ୍ଧା ସରକାରଙ୍କ ପକ୍ଷରୁ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ। ଅଂଶୁଘାତରୁ ରକ୍ଷା ପାଇବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ଲୋକଙ୍କୁ ସଚେତନ କରାଯାଉଛି। ଡାକ୍ତରଖାନା ଗୁଡିକରେ ଅଂଶୁଘାତ ରୋଗୀଙ୍କ ପାଇଁ ସ୍ୱତନ୍ତ୍ର ଶଯ୍ୟା ଓ ଚିକିତ୍ସା ସୁବିଧା କରାଯାଇଥିବା ନେଇ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି।

## ମ୍ୟୁଜିକ୍ ସର୍କଲରେ ରଜ ସଂକ୍ରାନ୍ତି ପାଳିତ

ରାଉରକେଲା,୧୫।୬(ଦିନେଶ ମିଶ୍ର)

ଛେଣ୍ଡ ସ୍ଥିତ ମ୍ୟୁଜିକ ସର୍କଲର ମେହେର ଭବନ ପରିସରରେ ପ୍ରଥମ ଥର ରଜ ସଂକ୍ରାନ୍ତି ସଭାପତି ଇଞ୍ଜିନିୟର ଅଭୟ କୁମାର ଦାସଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି। ଏହି ଉତ୍ସବରେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ଅନୁଷ୍ଠାନର ଏଭଳି କାର୍ଯ୍ୟକୁ ପ୍ରଶଂସା କରିଥିଲେ। ଏହି ଅବସରରେ ଅନୁଷ୍ଠାନର ମୁଖ୍ୟ ଅଳକା ଚାନ୍ଦଙ୍କ ଦ୍ୱାରା ଲିଖିତ ଓ ସୁଦେଷ୍ଣାରାଣୀ ରାଉତଙ୍କ ନିର୍ଦ୍ଦେଶନାରେ ମ୍ୟୁଜିକ ସର୍କଲର ଛାତ୍ରୀଛାତ୍ରମାନେ ରଜମଉଜ ସଙ୍ଗୀତରେ ନୃତ୍ୟ ନାଟିକା ପରିବେଷଣ କରିଥିଲେ। ଏଥିରେ ସନ୍ତୋଷ ମଲ୍ଲିକଙ୍କ ଅଭିନୟ ବେଶ ହୃଦୟସ୍ପର୍ଶୀ ହୋଇଥିଲା। ସେହିପରି ରଜ ଉପଲକ୍ଷେ ପୂର୍ବରୁ ଆୟୋଜିତ ହୋଇଥିବା ରଙ୍ଗୋଲି, ଝୋଟି, ରଜ ରାଜକୁମାରୀ, ର୍ୟାମ୍ପ ସୋ, ସାଧାରଣଜ୍ଞାନ ଓ ଓଡିଆଣୀ ବୋହୂ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରତିଯୋଗିତାରେ ବିଚାରକ ଭାବେ ବିଜୟ ଲକ୍ଷ୍ମୀ ପଟ୍ଟନାୟକ, ଡ. ଗୀତାଞ୍ଜଳି ପତ୍ରୀ, ରଶ୍ମିବାଳା ରାଉତରାୟ, ଦେବେନ୍ଦ୍ର ମହାରଣା ପ୍ରମୁଖ ଉପସ୍ଥିତ ଥିଲେ। ଏହା ସହିତ ବିଭିନ୍ନ ଯୁବତୀ ଓ ମହିଳା ସୁସଜ୍ଜିତ ରଜଦୋଳିର ମଜା ନେଇଥିଲେ। ଏହି କାର୍ଯ୍ୟକ୍ରମକୁ ଜୟଶ୍ରୀ ଦାସ, ସୁଶାନ୍ତ କୁମାର ନାୟକ, ମନୋରଞ୍ଜନ ଦାଶ, ସ୍ନେହଲତା ନାୟକ, ବିବେକାନନ୍ଦ ପଣ୍ଡା, ସନ୍ତୋଷ ମଲ୍ଲିକ, ଅଳକାନନ୍ଦା ରଥ, ଗୁଡିଆ କଂସାରୀ, ଅନନ୍ଦିତା ମାଇତି ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ସୁନ୍ଦରଗଡ଼ ପତଞ୍ଜଳି ଯୋଗ ସମିତି ପକ୍ଷରୁ ରଜ



ରଘୁନାଥପାଲୀ ବିଧାୟକଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ରାଉରକେଲା,୧୫।୬(ସଙ୍ଗୀତା ଜେନା)

ସୁନ୍ଦରଗଡ଼ ଜିଲା ପତଞ୍ଜଳି ଯୋଗ ଆନୁକୂଲ୍ୟରେ ସେକ୍ଟର-୧୯ ଶାରଳା ମନ୍ଦିର ଯୋଗକେନ୍ଦ୍ରରେ ଶନିବାର ସତସଙ୍ଗ ସହିତ ରଜ ମହୋତ୍ସବ ପାଳନ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ରଘୁନାଥପାଲି ନିର୍ବାଚନ ମଣ୍ଡଳୀର ନବ ନିର୍ବାଚିତ ବିଧାୟକ ଦୁର୍ଗାଚରଣ ତନ୍ତୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଶୁଭାରମ୍ଭ କରିଥିଲେ। ଅନୁଷ୍ଠାନ ପକ୍ଷରୁ ବିଧାୟକ ତନ୍ତୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାରମ୍ଭରେ ରଜ ପର୍ବ ଉପଲକ୍ଷେ ଯୋଗ ଶିକ୍ଷୟିତ୍ରୀ ବିଷ୍ଣୁ ପ୍ରିୟା ଦାଶ, ସନ୍ଧ୍ୟାରାଣୀ ସାହୁ, ସବିତା ଜେନା, ଆରତୀ ମହାପାତ୍ର, ମିତାରାଣୀ ଦାସ, ସସ୍ମିତା ବଳ, ଝରଣା ବେହେରା ପ୍ରମୁଖ ଭଜନ, ଜଣାଣ ଗାନ କରିଥିଲେ। ଏହି ଅବସରରେ ବିଧାୟକ ତନ୍ତୀ କହିଥିଲେ, ଓଡ଼ିଶାର ଏକ ମୁଖ୍ୟ ପର୍ବ ରଜ। କୁମାରୀ ଝିଅମାନେ ଏହାକୁ ଜାକଜମରେ ବିଭିନ୍ନ ପିଠାପଣା ସହିତ ରଜଦୋଳିଖେଳିଆନନ୍ଦ ନେଇଥାନ୍ତି। ଏପରି ପାରମ୍ପରିକ ପର୍ବକୁ ଆଦର ସହ ପାଳନ କରିବା ଉଚିତ ବୋଲି ତନ୍ତୀ କହିଥିଲେ। ସହାୟକ ଯୋଗ ଶିକ୍ଷକ ପ୍ରଶିକ୍ଷଣରେ କୃତୀପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ଓ ମାର୍କସିଟ୍ ପ୍ରଦାନ କରାଯାଇଥିଲା। ପତଞ୍ଜଳି ସହ ରାଜ୍ୟ ପ୍ରଭାରୀ ନିତମ୍ବିନୀ ସ୍ୱାଇଁ, ଜିଲା ବିଏସ୍‌ଟି ପ୍ରଭାରୀ ନରେନ୍ଦ୍ର ବେହେରା, ପିୱାଇଏସ୍ ଜିଲା ପ୍ରଭାରୀ ପ୍ରଦୀପ୍ତ ସାହୁ, ଗଙ୍ଗାଧର ଦାଶ, ଜିଲା ମିଡିଆ ପ୍ରଭାରୀ ଆରତୀ କର, ଜିଲା ଯୁବ ପ୍ରଭାରୀ ରଞ୍ଜନ ସାମଲ ପ୍ରମୁଖ ଏହି ପ୍ରମାଣପତ୍ର ବଣ୍ଟନ କରିଥିଲେ। ପତଞ୍ଜଳି ଯୋଗ ପକ୍ଷରୁ ଯୋଗର ଉପକାରିତା ସମ୍ପର୍କରେ ବାଖ୍ୟା କରାଯାଇଥିଲା।

## ଆଇଜିଏଚ୍‌ରେ ୩ ହେମୋଡାଏଲିସିସ୍ ମେଶିନ୍ ଉଦ୍‌ଘାଟିତ


ଉପସ୍ଥିତ ଆରଏସ୍‌ପି ଓ ମେଡିକାଲ କର୍ମଚାରୀ।

ରାଉରକେଲା,୧୫।୬(ସଙ୍ଗୀତା ଜେନା)

ସେଲ୍ ରାଉରକେଲା ଇସ୍ପାତ୍ କାରଖାନା ପରିଚାଳିତ ଇସ୍ପାତ ଜେନେରାଲ୍ ହସ୍ପିଟାଲ(ଆଇଜିଏଚ୍)ରେ ୩ଟି ନୂତନ ହେମୋଡାଏଲିସିସ୍ ମେଶିନ୍ ସ୍ଥାପନ କରାଯାଇଛି। ଚିକିତ୍ସା ଓ ସେବା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଡା. ବି କେ ହୋତା ଆୟୋଜିତ ଏକ କାର୍ଯ୍ୟକ୍ରମରେ ମେଶିନ୍ ଗୁଡ଼ିକ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସିଏମ୍ ଡା. ଏନ୍ ପି ସାହୁ, ଡା. ଜୟନ୍ତ ଆଚାର୍ଯ୍ୟ, ଡା. ପିକେ ମହାପାତ୍ର ସମେତ ଆଇଜିଏଚ୍‌ର ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ଏହି ନୂତନ ମେଶିନ୍‌କୁ ମିଶାଇ ଆଇଜିଏଚ୍‌ରେ ୪ଟି ଆଧୁନିକ ହେମୋଡାଏଲିସିସ୍ ମେଶିନ୍ ଉପଲବ୍ଧ ରହିଛି।

## ବିଧାୟକ ଭବାନୀଙ୍କୁ ମନ୍ତ୍ରୀପଦ ଦେବାକୁ କର୍ମୀଙ୍କ ଦାବି

ବଡ଼ଗାଁ, ୧୫।୬(ଅଶୋକ ଷଡଙ୍ଗୀ)

ତଳସରା ନିର୍ବାଚନ ମଣ୍ଡଳୀର ନବ ନିର୍ବାଚିତ ବିଧାୟକ ଭବାନୀ ଶଙ୍କର ଭୋଇଙ୍କୁ ମନ୍ତ୍ରୀପଦ ଦେବାକୁ କର୍ମୀମାନେ ଦାବି କରିଛନ୍ତି। ସ୍ୱର୍ଗତ ଗଦାଧର ମାଝିଙ୍କ ପରେ ଆଉ କେହି ଏ ଯାଏଁ ମନ୍ତ୍ରୀପଦ ପାଇ ନାହାଁନ୍ତି। ଦ୍ୱିତୀୟ ଥର ବିଧାୟକ ଭାବେ ଭବାନୀ ଭୋଇ ନିର୍ବାଚିତ ହୋଇଥିବାରୁ ତାଙ୍କୁ ମନ୍ତ୍ରୀପଦ ମିଳିବ ବୋଲି କର୍ମୀମାନେ ଆଶା କରୁଥିଲେ। ଅନ୍ୟପଟେ ନିର୍ବାଚନ ସମୟରେ ଏମପି ଜୁଏଲ ଓରାମ ତାଙ୍କ ପ୍ରଚାରରେ ଭବାନୀ ଜିତିଲେ ମନ୍ତ୍ରୀ ହେବେ ବୋଲି ବୋଲି କହିଥିଲେ। ହେଲେ ତାଙ୍କୁ ମନ୍ତ୍ରୀପଦ ନ ମିଳିବାରୁ କର୍ମୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ବଡ଼ଗାଁ ମଣ୍ଡଳ ସଭାପତି ବାବୁଲି କର୍ଷେଲଙ୍କ ସହିତ କର୍ମୀମାନେ ଭବାନୀଙ୍କୁ ମନ୍ତ୍ରୀପଦ ଦେବାକୁ ଦାବି କରୁଥିବାବେଳେ ବରିଷ୍ଠ କର୍ମୀ ଓକିଲ ସୁଧୀର ରଞ୍ଜନ ପଟେଲ ମନ୍ତ୍ରୀପଦ ଦେବାପାଇଁ କର୍ମୀଙ୍କ ଦସ୍ତଖତ ସମ୍ବଳିତ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କୁ ଦିଆଯିବ ବୋଲି କହିଛନ୍ତି।

## ଟ୍ୟାକ୍ସବାର ଆସୋସିଏଶନର କର୍ମକର୍ତ୍ତା ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ

ରାଉରକେଲା,୧୫।୬ (ସଙ୍ଗୀତା ଜେନା)

ରାଉରକେଲା ଟ୍ୟାକ୍ସବାର ଆସୋସିଏଶନ୍‌ର ୨୦୨୪-୨୬ ପାଇଁ ନୂତନ କର୍ମକର୍ତ୍ତା ନିର୍ବାଚନ ସମ୍ପନ୍ନ ହୋଇଛି। ନିର୍ଦ୍ୱନ୍ଦ୍ୱରେ ଏଥିରେ କର୍ମକର୍ତ୍ତା ନିର୍ବାଚିତ ହୋଇଛି। ଏଥିରେ ଆସୋସିଏଶନ୍ ଆଇନଜୀବୀ ଗୋକୁଳାନନ୍ଦ ପତ୍ରୀ, ଦିଲ୍ଲୀପ ଅଗ୍ରୱାଲ ଏବଂ ଦିଲ୍ଲୀପ କୁମାର ସିଂହଙ୍କୁ ନିର୍ବାଚନ ଅଧିକାରୀ ଭାବେ ସର୍ବସମ୍ମତି କ୍ରମେ ଚୟନ କରାଯାଇଥିଲା। ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ଜୁନ୍ ୯,୧୦, ୧୧ ତିନିଦିନ ବ୍ୟାପୀ ନାମାଙ୍କନ ପ୍ରକ୍ରିୟା ଦାଖଲ ପାଇଁ ତାରିଖ ଧାର୍ଯ୍ୟ କରାଯାଇଥିଲା। ଏହି କ୍ରମରେ ସଭାପତି ପ୍ରାର୍ଥୀ ପାଇଁ ଆଇନଜୀବୀ ପ୍ରଦୀପ୍ତ ରାଉତ, ଉପସଭାପତି ଦିତିକୃଷ୍ଣ ପ୍ରଧାନ, ସମ୍ପାଦକ ପାଇଁ ନରେଶ ଅଗ୍ରୱାଲ, ସହ ସମ୍ପାଦକ ଆକାଶ ଅଗ୍ରୱାଲ, କୋଷାଧ୍ୟକ୍ଷ ପ୍ରଦୀପ ଯାଦବ, ଲାଇବ୍ରେରୀ ସମ୍ପାଦକ ଗାରିମା ପତ୍ରୀ ପ୍ରମୁଖ ନାମାଙ୍କନ ପତ୍ର ଦାଖଲ କରିଥିଲେ। ହେଲେ ପ୍ରତିଦ୍ୱନ୍ଦିତା ପାଇଁ କୌଣସି ପ୍ରାର୍ଥୀ ନାମାଙ୍କନ କରି ନ ଥିଲେ। ଯାହାଫଳରେ ୭ ଜଣ ସଦସ୍ୟ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଉକ୍ତ ପ୍ରକ୍ରିୟାରେ ସୁବାସ ଅଗ୍ରୱାଲ, ପିତାମ୍ବର ପାଣିଗ୍ରାହୀ, ପଦ୍ମନାଭ ବିଶି, ସଞ୍ଜୟ ମିଶ୍ର, ସଞ୍ଜୟ ଅଗ୍ରୱାଲ, ରାଜେଶ ଅଗ୍ରୱାଲ, ରାମକୃଷ୍ଣ ମିଶ୍ର, ବିକାଶ ରାଠି, ଅଙ୍କିତ ଅଗ୍ରୱାଲ, ପ୍ରତାପ ଚନ୍ଦ୍ର ରଥ ଓ ଅନ୍ୟମାନେ ସହଯୋଗ କରିଥିଲେ।


ନିର୍ବାଚିତ ହୋଇଥିବା କର୍ମକର୍ତ୍ତା।

## ଜୁନିୟର ନ୍ୟାଶନାଲ କିକ୍ ବକ୍ସିଂରେ ସୁନ୍ଦରଗଡ଼କୁ ୧୩ ପଦକ

ବନ୍ଧମୁଣ୍ଡା,୧୫।୬(ସୁବ୍ରତ ଦେ)

ସୁନ୍ଦରଗଡ଼ କିକ୍ ବକ୍ସିଂ ଦଳର ଖେଳାଳିମାନେ ପଶ୍ଚିମବଙ୍ଗର ସିଲିଗୁଡ଼ିରେ ଆୟୋଜିତ ୱାକୋ ଇଣ୍ଡିଆ ଜୁନିୟର ନ୍ୟାଶନାଲ କିକ୍ ବକ୍ସିଂ ଚାମ୍ପିୟନଶିପରେ ଭଲ ଖେଳ ପ୍ରଦର୍ଶନକରି ୫ଟି ସ୍ୱର୍ଣ୍ଣ ସମେତ ମୋଟ ୧୩ଟି ପଦକ ଜିତିଛନ୍ତି। ୧୦ ଜଣ ଖେଳାଳି ଏହି ଚାମ୍ପିୟନଶିପରେ ଭାଗ ନେଇଥିଲେ। ଯେଉଁଥିରେ ରୋଶନ ପାହାନ ୨ଟି ସ୍ୱର୍ଣ୍ଣ, ପ୍ରତୀକ ରାୟ ୨ଟି ସ୍ୱର୍ଣ୍ଣ ଏବଂ ଗୋଟିଏ ସିଲ୍‌ଭର, କେ. ମୁକେଶ ୨ଟି ସିଲ୍‌ଭର ଏବଂ ୨ଟି ବ୍ରୋଞ୍ଜ,ସ୍ୱରୂପ ପାଲ ଗୋଟିଏ ସ୍ୱର୍ଣ୍ଣ ଏବଂ ଗୋଟିଏ ବ୍ରୋଞ୍ଜ ଏବଂ ହୀନା ମହାନନ୍ଦ ଗୋଟିଏ ବ୍ରୋଞ୍ଜ ପଦକ ଜିତିଛନ୍ତି। ଖେଳାଳିଙ୍କ ଏହି ସଫଳତା ପାଇଁ ଖୁସି ବ୍ୟକ୍ତକରି ଦଳର ସଚିବ ତଥା ମୁଖ୍ୟ କୋଚ ବିଚିତ୍ର ନାରାୟଣ ଜେନା ଦଳର ସମସ୍ତ ଖେଳାଳିଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଏଥିସହ ଦଳର କୋଚ ନିଖିଲ ଯାଇଶାଲ, ରେଫରି ରବୀନ୍ଦ୍ର କୁମାର ସିଂ, ସଞ୍ଜୀବ ଖେସ୍, ବିଲୁ ତିର୍କୀ, ଅଶୋକ କୁନଓ୍ୱର, ଜତିଶ କୁମାର ମହାନନ୍ଦ, ଧନଞ୍ଜୟ କୁମାର ଦାଶ, କ୍ରୀଡ଼ାପ୍ରେମୀ ଦୀନେଶ କୁମାର, ମନୋଜ କୁମାର ପ୍ରଧାନ, ରତିଆ ଏକ୍କା, ରଞ୍ଜିତ କୁଜୁର ଖେଳାଳିଙ୍କୁ ଅଭିନନ୍ଦନ ଜଣାଇଛନ୍ତି।



ପଦକ ହାସଲ କରିଥିବା ଖେଳାଳିମାନେ।

# ଆଉଟ୍ ସୋର୍ସିଂ ପ୍ରଥାକୁ ସମ୍ପୂର୍ଣ୍ଣ ଉଚ୍ଛେଦ କର

ସମ୍ବଲପୁର,୧୫।୬(ବି.ଶଙ୍କର)




ଶନିବାର ସମ୍ବଲପୁର ସମ୍ବାଦିକ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପଶ୍ଚିମ ଓଡ଼ିଶା ଦଳିତ ସୁରକ୍ଷା ପରିଷଦ କର୍ମକର୍ତ୍ତାମାନେ।

ଓଡ଼ିଶାର ମୂଳନିବାସୀ ସମାଜରୁ ମୁଖ୍ୟମନ୍ତ୍ରୀ ଦାୟିତ୍ୱ ନେଇଥିବା ମୋହନ ଚରଣ ମାଝିଙ୍କୁ ଶନିବାର ପଶ୍ଚିମ ଓଡ଼ିଶା ଦଳିତ ସୁରକ୍ଷା ପରିଷଦ ପକ୍ଷରୁ ଅଭିନନ୍ଦନ ଓ ଶୁଭେଚ୍ଛା ଜ୍ଞାପନ କରାଯାଇଛି। ଆୟୋଜିତ ଖବରଦାତା ସମ୍ମିଳନୀରେ ସୁରକ୍ଷା ପରିଷଦ କର୍ମକର୍ତ୍ତାମାନେ କହିଛନ୍ତି ଯେ, ତଫସିଲଭୁକ୍ତ ଜାତି, ଉପଜାତି ସମେତ ସର୍ବଜନ ସମାଜର ବିକାଶରେ ମାଝି କାର୍ଯ୍ୟ କରିବେ ବୋଲି ଆଶା ଓ ବିଶ୍ୱାସ ରହିଛି । ଏପରିକି ସାରା ରାଜ୍ୟରେ ପୂର୍ବରୁ ଲାଗୁ ହୋଇଥିବା ଆଉଟ ସୋର୍ସିଂ ପ୍ରଥାକୁ ସମ୍ପୂର୍ଣ୍ଣ ଉଚ୍ଛେଦ କରାଯାଉ। ସମସ୍ତ ଆଉଟ ସୋର୍ସିଂ କର୍ମଚାରୀଙ୍କୁ ସ୍ଥାୟି ନିଯୁକ୍ତି ପାଇଁ ପଦକ୍ଷେପ ନିଆଯାଉ । ଆଉଟ ସୋର୍ସିଂ ପ୍ରଥା ଦ୍ୱାରା ଉଚ୍ଚ ଶିକ୍ଷିତ ଯୁବତୀ, ଯୁବକମାନେ ଠିକା ସଂସ୍ଥାର ଅଧିନରେ କାର୍ଯ୍ୟ କରୁଛନ୍ତି । ଯଦ୍ୱାରା ସେମାନେ ନିର୍ଯାତିତ ହେଉଥିବା ନଜିର ରହିଛି। ଅପରପକ୍ଷେ ରାଜ୍ୟରେ ଭୂମିହୀନ ୧୮ ପ୍ରତିଶତ ଦଳିତ ସମାଜର ଲୋକଙ୍କୁ ଭୂମିପଟ୍ଟା ପ୍ରଦାନ କରାଯିବା ସହ ରାଜ୍ୟରେ ସ୍ୱାସ୍ଥ୍ୟ ଓ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ପଦକ୍ଷେପ ନେବା

## ମୁଖ୍ୟମନ୍ତ୍ରୀଙ୍କୁ ପଶ୍ଚିମ ଓଡ଼ିଶା ଦଳିତ ସୁରକ୍ଷା ପରିଷଦର ଅଭିନନ୍ଦନ

ଜରୁରୀ । ବିଗତ ସରକାରଙ୍କ ସମୟରେ ଶିକ୍ଷା ଓ ସ୍ୱାସ୍ଥ୍ୟସେବାରେ କୌଣସି ଲଗାମ ନ ଥିଲା । ଯଦ୍ୱାରା ବେସରକାରୀ ଶିକ୍ଷାନୁଷ୍ଠାନ ଓ ଡାକ୍ତରଖାନାଗୁଡିକରେ ନିରୀହ ଜନତାଙ୍କୁ ଲୁଟ୍ କରାଯାଉଥିଲା। ଶିକ୍ଷା ଓ ସ୍ୱାସ୍ଥ୍ୟ ସେବା ବଦଳରେ ବ୍ୟବସାୟରେ ପରିଣତ ହୋଇଛି । ତେଣୁ ଯଥାଶୀଘ୍ର ସ୍ୱାସ୍ଥ୍ୟ ଓ ଶିକ୍ଷା ବ୍ୟବସ୍ଥା ସରକାରୀ କରଣ କରାଯିବାକୁ ଦାବି ପରିକ୍ଷଦ ଦାବି କରିଛି। ସେମାନେ ଆହୁରି କହିଥିଲେ ଯେ, ବୀର ବିର୍ଷା ମୁଣ୍ଡାଙ୍କ ବଳିଦାନ, ଡ. ବିଆର ଆମ୍ବେଦ୍କରଙ୍କ ସମ୍ବିଧାନ ବଳ ଏବଂ ଜନସାଧାରଣଙ୍କ ଆଶୀର୍ବାଦରେ ଆଜି ଓଡିଶାର ମୁଖ୍ୟମନ୍ତ୍ରୀ ପଦରେ ଅଳଙ୍କୃତ ହୋଇଛନ୍ତି ମୋହନ ମାଝି। ତାଙ୍କ ନେତୃତ୍ୱରେରେ ରାଜ୍ୟ ସରକାର ଏହି ସମସ୍ତ ଜନଦାବିକୁ ପୂରଣ କରିବାକୁ ପଶ୍ଚିମ ଓଡ଼ିଶା ଦଳିତ ସୁରକ୍ଷା ପରିଷଦର ଅଧ୍ୟକ୍ଷ ନିହାଲ ସିଂ ଖବରଦାତା ସମ୍ମିଳନୀରେ ଦାବି କରିଛନ୍ତି। ସମ୍ମିଳନୀରେ ପରିଷଦ ଉପାଧ୍ୟକ୍ଷ ଶିବଶଙ୍କର ପ୍ରଧାନ, ଉପ ମହାସଚିବ ଶେଖ ଇନ୍ତେଖାପ ଓ ଏମଡି ନୱାବ, ସମ୍ବଲପୁର ଜିଲା ସହ ସଂଯୋଜକ ପ୍ରଦୀପ କୁମ୍ଭାର ଖବରଦାତାଙ୍କୁ ବିଭିନ୍ନ ବିଷୟରେ ସୂଚିତ କରିଥିଲେ ।



**ପ୍ରବଳ ଖରା:** ସମ୍ବଲପୁର ସହର ଗୁଜୁରାତି କଲୋନି ଛକ ଫ୍ଲାଏଓଭର ତଳେ ଜଣେ ଜୋତା ପଲିସ ଦେକାନୀ ବିଶ୍ରାମ ନେଇଛନ୍ତି।

## ସଂକ୍ଷେପରେ

### ପାରିଶ୍ରମିକ ପାଇବା ଦାବିରେ ଧାରଣା

**ଠିକା ସଂସ୍ଥା ଦ୍ୱାରା ସଫେଇ କର୍ମଚାରୀ ଶୋଷିତ**

ବ୍ରଜରାଜନଗର, ୧୫।୬(ବିଜୟ ବରାଡ଼)

ଭାରତ ସରକାରଙ୍କ ବୃହତ ରାଷ୍ଟ୍ରାୟତ ଉଦ୍ୟୋଗ ମହାନଦୀ କୋଇଲା କମ୍ପାନୀ ଅଧୀନରେ କାର୍ଯ୍ୟରତ ଥିବା କେନ୍ଦ୍ରୀୟ ଚିକିତ୍ସାଳୟର ଠିକା କର୍ମଚାରୀମାନେ ଶୋଷଣର ଶିକାର ହୋଇ କାର୍ଯ୍ୟ ବନ୍ଦ କରି ହସ୍ପିଟାଲ ମୁଖ୍ୟ ଫାଟକରେ ଧାରଣା ଦେଇଛନ୍ତି। ଶ୍ରମିକମାନଙ୍କ ଅଭିଯୋଗ ହେଲା ହସ୍ପିଟାଲରେ ବିଭିନ୍ନ ଜାଗାରେ ସଫେଇ କାର୍ଯ୍ୟରେ ୨୩ଜଣ ଠିକା କର୍ମଚାରୀ ଦୀର୍ଘ ବର୍ଷ ହେଲା କାମକରିଆସୁଛନ୍ତି। ରାଜ୍ୟ ସରକାରଙ୍କ ଆଇନ ଅନୁଯାଇ ଦୈନିକ ମଜୁରୀ ବାବଦରେ ତାଙ୍କୁ ୫୨୨ଟଙ୍କା ମିଳିବା କଥା କିନ୍ତୁ ଠିକାଦାର ସେମାନଙ୍କୁ ୪୪୩ଟଙ୍କା ମଜୁରୀ ବାବଦରେ ଦସ୍ତଖତ କରି ନେଉଛି ହାତରେ ୩୫୮ଟଙ୍କା ଦେଉଛି ବାକି ୮୫ଟଙ୍କା ପିଏଫ ବାବଦରେ କାଟିଲା ବୋଲି କହୁଛନ୍ତି। କିନ୍ତୁ ବାସ୍ତବରେ ପିଏଫ ଖାତା ଅଛି କି ନାହିଁ ତାହା କର୍ମଚାରୀମାନଙ୍କୁ ଜଣା ନାହିଁ। ଏ ବାବଦରେ ଠିକାଦାରଙ୍କୁ ପଚାରିଲେ ଠିକାଦାର ଓଲଟା ଶ୍ରମିକମାନଙ୍କୁ ଅସଭ୍ୟ ଭାଷାରେ ଗାଳି କରିବା ସହ କାମରୁ ବାହାର କରିଦେବ ବୋଲି କହୁଛନ୍ତି। କାମ ହରାଇବା ଭୟରେ ଶ୍ରମିକ ଚୁପ ରହୁଛନ୍ତି। ବାରମ୍ବାର ଲିଖିତ ଅଭିଯୋଗ କଲାପରେ ମଧ ଏମସିଏଲ କର୍ତ୍ତୃପକ୍ଷ ଶୁଣୁ ନାହାନ୍ତି। ତେଣୁ ବାଧ ହୋଇ ଶ୍ରମିକମାନେ ନିଜର ପାରିଶ୍ରମିକ ପାଇବା ପାଇଁ ହସ୍ପିଟାଲ ଗେଟ ସମ୍ମୁଖରେ ଧାରଣା ଦେଇଛନ୍ତି।

### ମାତୃକ୍ଷେତ୍ର ସମ୍ପାଦକ ପ୍ରଫୁଲ୍ଲ ପଣ୍ଡାଙ୍କ ପତ୍ନୀ ବିୟୋଗ

ସମ୍ବଲପୁର,୧୫।୬(ପ୍ରମୋଦ ବହିଦାର)



ନିରୁପମା ପଣ୍ଡା।

ମାତୃକ୍ଷେତ୍ରର ସମ୍ପାଦକ ତଥା ପଶ୍ଚିମ ଓଡ଼ିଶାରେ ଶ୍ରୀଅରବିନ୍ଦ ଦର୍ଶନର ପ୍ରଚାରକ ବିଶିଷ୍ଟ ମାତୃକର୍ମୀ ପ୍ରଫୁଲ୍ଲ କୁମାର ପଣ୍ଡାଙ୍କ ଧର୍ମପତ୍ନୀ ନିରୂପମା ପଣ୍ଡାଙ୍କ ଶୁକ୍ରବାର ସନ୍ଧ୍ୟାରେ ଅନୁଗୁଲିଆପଡ଼ାସ୍ଥିତ ବାସଭବନରେ ହୃଦ୍‌ଘାତରେ ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୬୬ ବର୍ଷ ହେଉଥିଲା।ଶନିବାର ସକାଳେ ସମ୍ବଲପୁର ରାଜଘାଟରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଏକମାତ୍ର ପୁତ୍ର ପ୍ରଣବ କୁମାର ପଣ୍ଡା ମୁଖାଗ୍ନି ଦେଇଛନ୍ତି। ନିରୂପମା ଜଣେ ଧର୍ମ ପରାୟଣ, ମିଷ୍ଟଭାଷୀ, ମାତୃପ୍ରେମୀ ବ୍ୟକ୍ତିତ୍ୱ ଥିଲେ। ତାଙ୍କର ଦୁଇ ଝିଅ ଦେବଯାନୀ, ଦେବସ୍ମିତା, ଦୁଇଜ୍ୱାଇଁ, ପୁତ୍ର ପ୍ରଣବ ଓ ପରିବାର ଲୋକେ ଅଛନ୍ତି। ତାଙ୍କ ବିୟୋଗରେ ଶ୍ରୀଅରବିନ୍ଦ ଅନୁଷ୍ଠାନର ଭକ୍ତ ମହଲ ମାତୃପ୍ରେମୀ ମହଲରେ ଶୋକ ପ୍ରକାଶ ପାଇଛି।

# ମାସକ ପରେ ଘରକୁ ଫେରିଲେ ନିରୁଦ୍ଦିଷ୍ଟ ନାବାଳକ

ସମ୍ବଲପୁର,୧୫।୬(ପ୍ରମୋଦ ବହିଦାର)

ସମ୍ବଲପୁର ମହାନଗର ଅନ୍ତର୍ଗତ ତଆଁଳାପଡ଼ାର ଜଣେ ନାବାଳକ ଗତ ମେ ୧୬ ତାରିଖରୁ କେଉଁ ଆଡ଼େ ଚାଲି ଯାଇଥିଲେ। ତାଙ୍କୁ ଆଦର୍ଶ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସହାୟତାରେ କୋଲକାତାରୁ ଉଦ୍ଧାର କରାଯାଇ ପ୍ରାୟ ମାସକ ପରେ ଶନିବାର ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ସୂଚନା ଅନୁସାରେ ଗତ ମେ ୧୬ ତରିଖରେ ସାଙ୍ଗମାନଙ୍କ ସହ ଖେଳିବାକୁ ଯାଇ ନାବାଳକ ଆଉ ଘରକୁ ଫେରି ନ ଥିଲେ। ଏନେଇ ତାଙ୍କ ମାତାପିତା ଟାଉନ ଥାନାରେ ଏତଲା ଦେଇଥିଲେ। କିଛିଦିନ ପରେ ଦଳେଇପଡ଼ାର ସାଙ୍ଗମାନଙ୍କ ସହିତ ସେ କୋଲକାତା ଯାଇଥିବା ଖବର ମିଳିଥିଲା। ମାତ୍ର ପରବର୍ତ୍ତୀ ସମୟରେ ଦଳେଇପଡ଼ାର ପିଲାମାନେ କୋଲକାତାରୁ ଫେରିଥିଲେ। ମାତ୍ର ସମ୍ପୃକ୍ତ ନାବାଳକ ସେମାନଙ୍କ ସହିତ ଫେରି ନ ଥିଲେ। ଫଳରେ ପରିବାର ଲୋକେ ବାରମ୍ବାର ଥାନା ଅଧିକାରୀଙ୍କଠାରୁ ଆରମ୍ଭ କରି ଆରକ୍ଷୀ ଅଧିକ୍ଷକଙ୍କ ପର୍ଯ୍ୟନ୍ତ କୁଅର ଉଦ୍ଧାର ପାଇଁ ନିବେଦନ କରିଥିଲେ। ପରିଶେଷରେ ନାବାଳକର ମାତା ପିତା ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆଦର୍ଶର ସହଯୋଗ ଲୋଡ଼ିଥିଲେ। ଆଦର୍ଶର ଜିଲା ସଂଯୋଜକ ରଞ୍ଜନ କୁମାର ନାଏକ ଓ କିରଣ ସେଠ୍ ତଆଁଳାପଡ଼ାର ସାମାଜିକ କର୍ମୀ ପ୍ରତିମା ଶର୍ମାଙ୍କ ସହାୟତାରେ ନାବାଳିକଙ୍କୁ ଉଦ୍ଧାର କରିବା ଦିଗରେ ଆବଶ୍ୟକ ପଦକ୍ଷେପ ନେଇଥିଲେ।

# ପୋଲତଳକୁ ଖସିଲା ହାଇୱା,ଚାଳକ ଗୁରୁତର

ନାକଟୀଦେଉଳ,୧୫।୬(ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜିଲା ନାକଟୀଦେଉଳ ଥାନା ଅନ୍ତର୍ଗତ ଝାରବେଡା ନିକଟ ଶ୍ରୀଗିଡା ପୋଲ ଉପରୁ ଏକ ହାଇୱା ତଳକୁ ଖସି ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିଯୋଗୁ ଗାଡି ଚାଳକ ସମ୍ବଲପୁର ଜିଲା ଧନୁପାଲି ଥାନା ଅଞ୍ଚଳର ରଞ୍ଜିତ ମାଝି ଗୁରୁତର ଆହତ ହୋଇଛନ୍ତି। ନାକଟୀଦେଉଳ ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଛି । ଏହି ହାଇୱା ଶୁକ୍ରବାର ରାତି ପ୍ରାୟ ୮ ଟାରେ ବାଟଗାଁ ପଟରୁ ଫେରୁଥିବା ବେଳେ ରାଞ୍ଚି-ବିଜୟୱାଡା ଜାତୀୟ ରାଜପଥର ଝାରବେଡା ଗ୍ରାମ ନିକଟ ଶ୍ରୀଗିଡା ନାଳ ଉପରେ ଥିବା ପୋଲରୁ ଭାରସାମ୍ୟ ହରାଇ ତଳକୁ ଖସି ପଡିଥିଲା। ସ୍ଥାନୀୟ ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡିକୁ ଜବତ କରିଛି।



ଦୁର୍ଘଟଣାଗ୍ରସ୍ତ ହାଇୱା।

# ମା' ଓ ଝିଅଙ୍କୁ ଛୁରାମାଡ଼ କରି ହତ୍ୟା ଉଦ୍ୟମ, ଅଭିଯୁକ୍ତ ଗିରଫ

ସମ୍ବଲପୁର,୧୫।୬(ପ୍ରମୋଦ ବହିଦାର)



ଅଭିଯୁକ୍ତ ସୁରଜ ହାତୀ।

ସମ୍ବଲପୁର ଅଇଁଠାପାଲି ଥାନା ଅନ୍ତର୍ଗତ ଗୋପାଲମାଲ ଅଞ୍ଚଳରେ ମା' ଓ ଝିଅଙ୍କୁ ଛୁରାମାଡ଼ କରି ହତ୍ୟା ଉଦ୍ୟମ କରିଥିବା ଅଭିଯୁକ୍ତ ସୁରଜ ହାତୀ ଓରଫ ଟିକୁ(୨୧)ଙ୍କୁ ପୋଲିସ ଶନିବାର ଗିରଫ କରିଛି। ଜମିବାଡ଼ି ବିବାଦକୁ ନେଇ ଗୋପାଳମାଲର ଇନ୍ଦୁ ଦାଶ ଓ ଅଭିଯୁକ୍ତ ଯୁବକଙ୍କ ପରିବାର ମଧ୍ୟରେ ବିବାଦ ରହିଥିଲା। ଶୁକ୍ରବାର ଇନ୍ଦୁ ତାଙ୍କ ଝିଅ ପାୟଲଙ୍କ ସହିତ ମାହାମାୟା ମନ୍ଦିର ସମ୍ମୁଖରେ ଥିବା ତାଙ୍କର ମହିଳା ଟେଲରିଂ ଦୋକାନକୁ ଯିବା ପାଇଁ ଘରୁ ବାହାରିଥିଲେ। ଏହି ସମୟରେ ପୂର୍ବର ଛକି ରହିଥିବା ସୁରଜ ଉଭୟଙ୍କୁ ଛୁରିରେ ଆକ୍ରମଣ କରିଥିଲେ। ଉଭୟଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ପରିବାର ଲୋକେ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଇନ୍ଦୁଙ୍କ ସ୍ୱାମୀ ରାମ ପ୍ରକାଶ ଦାଶଙ୍କ ଏତଲା କ୍ରମେ ଅଭିଯୁକ୍ତ ବିରୋଧରେ ଅଇଁଠାପାଲି ଥାନାରେ ଦଫା ୩୦୭, ୩୪, ୩୪୧ରେ ଏକ ମାମଲା (୧୮୬/୨୪)ରୁଜୁ କରି ପୋଲିସ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

# ଓପିଜିସି ପକ୍ଷରୁ ଯୁବକମାନଙ୍କ ପାଇଁ ଡ୍ରାଇଭିଂ ଟ୍ରେନିଂ ଆରମ୍ଭ




କାର୍ଯ୍ୟକ୍ରମରେ ଉପସ୍ଥିତ ଯୁବକ ଓ ଅନ୍ୟମାନେ।

ଝାରସୁଗୁଡା,୧୫।୬(ସଞ୍ଜୟ ମାଲି)

ଓଡିଶା ପାୱାର୍ ଜେନେରେସନ କର୍ପୋରେସନ ଆଇବି ଥର୍ମାଲ ପାୱାର ଷ୍ଟେସନର ପାରିପାର୍ଶ୍ୱରେ ରହୁଥିବା ଯୁବକମାନଙ୍କ ପାଇଁ ଏଲଏମଭି ଡ୍ରାଇଭିଂ ତାଲିମ କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି। ଯେଉଁଥିରେ ସେମାନଙ୍କୁ ରୋଜଗାରକ୍ଷମ ପାଇଁ ଆବଶ୍ୟକ କାର୍ଯ୍ୟ ଯୋଗାଇବା ଲକ୍ଷ୍ୟ ରହିଛି। ଏହି କାର୍ଯ୍ୟକ୍ରମଟି ଓପିଜିସିର ମାନବ ସମ୍ବଳ ବିଭାଗ ଦ୍ୱାରା ପରିଚାଳିତ ଜୀବିକା ଏବଂ ଦକ୍ଷତା ବିକାଶ କାର୍ଯ୍ୟକ୍ରମ। ଆଇଟିପିଏସ ବନହରପାଲି କ୍ୟାମ୍ପସରେ ଅବସ୍ଥିତ ସିଏସଆର ସ୍କିଲ ଡେଭଲପମେଣ୍ଟ ସେଣ୍ଟରରେ ଶୁକ୍ରବାର ସକାଳ ୧୦ ଟାରେ ଏହି କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଥିଲା। ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନ କରିବା ସହ ବିଶେଷକରି ପାରିପାର୍ଶ୍ୱିକ ଗ୍ରାମରେ ରହୁଥିବା ବେକାର ଯୁବକମାନଙ୍କ ପାଇଁ ଦକ୍ଷତା ବିକାଶ ପଦକ୍ଷେପ ଗୁଡ଼ିକର ମହତ୍ତ୍ୱ ବିଷୟରେ ଡକ୍ଟର ରତନକାନ୍ତ ଦାଶ କହିଥିଲେ। ସେ କହିଛନ୍ତି, ଏହିପରି କାର୍ଯ୍ୟକ୍ରମଗୁଡିକ କେବଳ ଯୁବକମାନଙ୍କୁ ଦୃଷ୍ଟାନ୍ତମୂଳକ କାର୍ଯ୍ୟଶିଳ ସହିତ ସଜାଇବ ନାହିଁ ବରଂ ବର୍ଦ୍ଧିତ ନିଯୁକ୍ତି ସୁଯୋଗ ପାଇଁ ମଧ ପଥ ପରିଷ୍କାର କରିବ। ଆସିଷ୍ଟାଣ୍ଟ ମ୍ୟାନେଜର (ସିଏସଆର) ତାପସ ପଣ୍ଡା ଅତିଥିମାନଙ୍କୁ ପରିଚିତ କରାଇବା ଏବଂ କାର୍ଯ୍ୟକ୍ରମ ବିଷୟରେ ସଂକ୍ଷିପ୍ତ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହାର ସମ୍ଭାବନାକୁ ଗୁରୁତ୍ୱ ଦେଇ ହିମାଂସୁ ବେହେରା କାର୍ଯ୍ୟକ୍ରମର ଉଦ୍ଦେଶ୍ୟକୁ ଆହୁରି ବର୍ଣ୍ଣନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ, ସିନୟର ମ୍ୟାନେଜର (ସୁରକ୍ଷା) ଅଙ୍କାର ପଟ୍ଟନାୟକ, ସିନିଅର ମ୍ୟାନେଜର (ଏଚଆର) ଅନସୁମାନ ସତ୍ୟପାଠୀ ଉପସ୍ଥିତ ଥିଲେ। ଓପିଜିସି ସିଏସଆର୍ ଦଳର ସଦସ୍ୟ ରାମିଆନ ଛତ୍ରିଆ, ବିରେନ ବିସି ଏବଂ ରାଜେନ୍ଦ୍ର ସା ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। କମ୍ପାନୀର ଏହି ପଦକ୍ଷେପ ଅନୁଯାୟୀ ଓପିଜିସି ଟେଲେନପାଲି, କୁଶ୍ରାଲୋଇ, କୁମ୍ଭାରବନ୍ଧ, ପଣ୍ଡ୍ରି, ଟିଲିଆ ଏବଂ ରେମେଣ୍ଡା ଭଳି ୬ଟି ଗ୍ରାମରୁ ଆସିଥିବା ୬୦ ଜଣ ଯୁବକଙ୍କୁ ଟେଲେନପାଲି ଏବଂ ଟିଲିଆରେ ୩୦ ଦିନ ପର୍ଯ୍ୟନ୍ତ ତାଲିମ ଦିଆଯିବ। ଏହି କାର୍ଯ୍ୟକ୍ରମ ପାଇଁ ଓପିଜିସି ଏକ ପ୍ରଫେସନାଲ ଡ୍ରାଇଭିଂ ଟ୍ରେନିଂ ଇନଷ୍ଟିଚ୍ୟୁଟ ନାଗ ଏଣ୍ଡ ସନ୍ସ ମୋଟର ଡ୍ରାଇଭିଂ ଟ୍ରେନିଂ ଏକାଡେମୀ, ସମ୍ବଲପୁରକୁ ନିୟୋଜିତ କରିଛି। ପ୍ରଶିକ୍ଷଣ କାର୍ଯ୍ୟକ୍ରମର ସଫଳ ସମାପ୍ତି ଏବଂ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ (ଆରଟିଓ) ଦ୍ୱାରା ପରିଚାଳିତ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ପରେ ସେମାନଙ୍କୁ ଡ୍ରାଇଭିଂ ଲାଇସେନ୍ସ ପାଇବାରେ ସହଜ ହେବ ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି।

# ରକ୍ତଦାନ ଶିବିର, ୬୦ୟୁନିଟ୍ ରକ୍ତ ସଂଗ୍ରହ

ଝାରସୁଗୁଡା, ୧୫।୬ (ସଞ୍ଜୟ ମାଲି)

ଝାରସୁଗୁଡା ସହର ଏଇତ ଜୀବନ ଟ୍ରଷ୍ଟ ପକ୍ଷରୁ ବିଶ୍ୱ ରକ୍ତଦାନ ଦିବସ ଉପଲକ୍ଷେ ଏକ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ହୋଟେଲ ମେଘଦୂତଠାରେ ବ୍ଲଡ ବ୍ୟାଙ୍କ କର୍ମଚାରୀଙ୍କ ସହାୟତାରେ ପ୍ରାୟ ୬୦ୟୁନିଟ ରକ୍ତ ସଂଗ୍ରହ ହୋଇଛି। ଏଥିରେ ଡ. ସୁନିଲ ତ୍ରିପାଠୀ ୧୦୭ଥର ରକ୍ତଦାତା ଓ ରେଡ଼କ୍ରସର କୋର କମିଟି ମେମ୍ବର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସହରର ବିଶିଷ୍ଟ ସମାଜସେବୀ ବାଲଗୋବିନ୍ଦ ମିଶ୍ର, ରେଣୁ ତିୱାରୀ, ରାଜେଶ ପାଢ଼ୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ନୂତନ କରି ପ୍ରଥମ ଥର ରକ୍ତଦାନ କରିଥିବା ଲଭଲି ସିଂ, ଶିବାସ୍ମତି ସିଂ, ଅନନ୍ୟା ଦାସ, ସରୋଜ ତ୍ରିପାଠୀ ପରି ୧୦ ଜଣ ରକ୍ତଦାନ କରିଥିଲେ। ଏଥିରେ ସଂସ୍ଥାର କବିତା ପଣ୍ଡା, ସୁଜାତା ମିଶ୍ର, ପୁଷ୍ପା ପଣ୍ଡା, ସୁନିତା ସିଂ, ସନ୍ଧ୍ୟାରାଣୀ ଦାସ, ଗିତାଞ୍ଜଳି ଗୋର, ରିତାଞ୍ଜଳି ଦିପ୍ତି ଧାବଲିଆ ପ୍ରମୁଖ ସହଯୋଗ କରିଥିଲେ। ଜିଲାର ରକ୍ତ ଭଣ୍ଡାରରେ ରକ୍ତର ଅଭାବକୁ ଦୃଷ୍ଟିରେ ରଖି ଆଗକୁ ଆଉ ରକ୍ତଦାନ ଶିବିର ଆୟୋଜନ କରିବେ ବୋଲି ସଦସ୍ୟମାନେ ନିଷ୍ପତ୍ତି ନେଇଥିଲେ।




# ରେଳ ଷ୍ଟେଶନରେ ୟାର୍ଡ ପୁନଃନିର୍ମାଣ କାର୍ଯ୍ୟ ସମ୍ପନ୍ନ

ସମ୍ବଲପୁର,୧୫।୬(ପ୍ରମୋଦ ବହିଦାର)

ରେଳ ବ୍ୟବହାରକାରୀଙ୍କୁ ଉନ୍ନତ ସେବା ଯୋଗାଇବା ଲକ୍ଷ୍ୟରେ ସମ୍ବଲପୁର ରେଳ ମଣ୍ଡଳ ପକ୍ଷରୁ ସରଲା ରେଳ ଷ୍ଟେଶନସ୍ଥିତ ୟାର୍ଡର ପୁନଃନିର୍ମାଣ କରାଯାଇଛି। ଏଥିରେ ଗତ ଜୁନ ୧୧ରୁ ୧୫ ତାରିଖ ପର୍ଯ୍ୟନ୍ତ ପ୍ରାୟ ୯୬ ଘଣ୍ଟା ଧରି ନନ୍ ଇଣ୍ଟରଲକିଂ ନାମକ ଏକ ନିରାପତ୍ତା ଭିତ୍ତିକ ଆଧୁନିକିକରଣ କାର୍ଯ୍ୟ କରାଯାଇଥିଲା। ଏହା ଟ୍ରେନ ଚଳାଚଳ ଓ ମାଲ ବୋଝେଇରେ ନିରାପତ୍ତା ସହିତ ବେଗ ବୃଦ୍ଧିରେ ସହାୟକ ହୋଇ ପରିବ। ଏହାବ୍ୟତୀତ ଏଠାରେ ମାଲବୋଝେଇ ପାଇଁ ଉଦ୍ଧିଷ୍ଟ ରେଳ ୱାଗନରେ ରୁଟିନ ଓଭର ହୋଲିଂ(ଆର୍‌ଓଏଚ୍) ସୁବିଧା ସହିତ ମାଲବାହୀ ରେଳଗାଡ଼ି ରକ୍ଷଣାବେକ୍ଷଣ ବ୍ୟବସ୍ଥାରେ ଉନ୍ନତି ଓ ବିଟିଏପି



ଲାଇନ୍‌ର ବିକାଶ ହୋଇ ପାରିବ। ସେହିପରି ଏହି ପୁନଃନିର୍ମାଣ ଜନିତ ଆଧୁନିକୀକରଣ କାର୍ଯ୍ୟ ଦ୍ୱାରା ରେଳ ଯାତ୍ରୀ ଓ ମାଲବାହୀ ଉଭୟ ଟ୍ରେନର ଯାତାୟତ ସୁଗମ ହୋଇପାରିବ। ରୁଟିନ ଓଭର ହୋଲିଂ ଦ୍ୱାରା ସରଲା ଷ୍ଟେଶନରେ ମାଲ ପରିବହନର କ୍ଷମତା ବୃଦ୍ଧି ହୋଇ ଅଞ୍ଚଳର ଅର୍ଥନୀତିକୁ ସୁଦୃଢ଼ କରିବାରେ ସହାୟକ ହେବ ବୋଲି ରେଳବାଇ ପକ୍ଷରୁ କୁହାଯାଇଛି। ୨୦୧୭ମସିହାରେ ରୁଟିନ ଓଭର ହୋଲିଂ ସହ ମାଲବାହୀ ଟ୍ରେନର ରକ୍ଷଣାବେକ୍ଷଣ ପ୍ରକଳ୍ପ ମାନେଶ୍ୱରରେଠାରେ ପ୍ରତିଷ୍ଠା କରିବା ପ୍ରସ୍ତାବ ଗୃହୀତ ହୋଇଥିଲା। ୧୧୪୯.୩୭ କୋଟି ଟଙ୍କା ବ୍ୟୟ ଅଟକଳରେ ଏହି ପ୍ରକଳ୍ପ ଅନୁମୋଦିତ ମଧ ହୋଇଥିଲା। ପରବର୍ତ୍ତୀକାଳରେ ବିଭିନ୍ନ ସମ୍ଭାବନାକୁ ଦୃଷ୍ଟିରେ ରଖି ଏହି ପ୍ରକଳ୍ପଟି ସରଲାକୁ ସ୍ଥାନାନ୍ତରିତ ହୋଇଥିଲା।

## ଅତାବିରାରେ ମତ୍ସ୍ୟଜୀବୀଙ୍କ ସହ ଆଲୋଚନା କଲେ ବିଧାୟକ, ସାଂସଦ

**ସରଣ୍ଡା, ୧୫।୬(ଯୁଧିଷ୍ଠିର ମହାପାତ୍ର):** ବରଗଡ ଜିଲା ଅତାବିରା ଦୁର୍ଗାମନ୍ଦିର ହଲଠାରେ ପାହାଡଶ୍ରୀଗିଡା ପଞ୍ଚାୟତ ଅଞ୍ଚଳରେ ବସବାସ କରୁଥିବା ମତ୍ସ୍ୟଜୀବିଙ୍କ ସହ ବରଗଡ ସାଂସଦ ପ୍ରଦୀପ ପୁରୋହିତ ଓ ଅତାବିରା ବିଧାୟକ ନିହାରରଞ୍ଜନ ମହାନନ୍ଦ ଆଲୋଚନା କରିଛନ୍ତି। ପାହାଡଶ୍ରୀଗିଡା ପଞ୍ଚାୟତ ଅଧିନ ଡେବ୍ରିଗଡ ଅଭ୍ୟାରଣ୍ୟ ଭିତରେ ବସବାସ କରୁଥିବା ୪ଟିଗ୍ରାମର ପ୍ରାୟ ଏକ ଶହ ଲୋକେ ହିରାକୁଦ ଜଳଭଣ୍ଡାରରେ ମାଛ ମାରି ଜୀବିକା ନିର୍ବାହ କରୁଛନ୍ତି । ତେବେ ଡିଏଫଓ ଉକ୍ତ ଲୋକମାନଙ୍କୁ ସେଠାରେ ରହିବାକୁ ମନା କରୁଛନ୍ତି ଯାହା ଫଳରେ ଉକ୍ତ ଗ୍ରାମବାସୀ ଜାଗା ଛାଡିବା ଚିନ୍ତାରେ ଭାଙ୍ଗିପଡିଛନ୍ତି । ଏଥିପାଇଁ ସମ୍ପୃକ୍ତ ମତ୍ସଜୀବୀମାନେ ବରଗଡ଼ ସାଂସଦ ପୁରୋହିତ ଓ ଅତାବିରା ବିଧାୟକ ମହାନନ୍ଦଙ୍କୁ ଗୁହାରି କରିଛନ୍ତି। ସଭାସ୍ଥଳରେ ଥାଇ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ଏ ସମ୍ପର୍କରେ ଫୋନ ଜରିଆରେ ଡିଏଫଓ ଅଂଶୁପ୍ରଜ୍ଞା ଦାସଙ୍କ ସହ କଥା ହୋଇଥିଲେ।

# ଜିଲାପାଳ, ଏସ୍‌ପିଙ୍କ ସହ ବିଧାୟକଙ୍କ ଆଲୋଚନା

ବରଗଡ଼, ୧୫।୬(ପ୍ରେମାନନ୍ଦ ଖମାରୀ)

ବରଗଡ଼ରେ ଆଇନଶୃଙ୍ଖଳା ପରିସ୍ଥିତି ଦିନକୁ ଦିନ ବିଗିଡ଼ିବାରେ ଲାଗିଛି। ଚୋରା ନିଶା କାରବାର, ସଟ୍ଟା କାରବାର ବଢ଼ିଚାଲିଥିବାବେଳେ ଚୋରି, ହତ୍ୟା ଭଳି ଅପରାଧ ଦିନକୁ ଦିନ ବୃଦ୍ଧି ପାଉଛି। ଏହାକୁ ନେଇ ଶନିବାର ନବନିର୍ବାଚିତ ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ ଉଦ୍‌ବେଗ ପ୍ରକାଶ ସହିତ ଜିଲାପାଳ ଆଦିତ୍ୟ ଗୋୟଲ ଏବଂ ଏସ୍‌ପି ପି.ଏସ୍ ମୀନାଙ୍କ ସହିତ ଆଲୋଚନା କରିଛନ୍ତି। ଆଲୋଚନାରେ ଅପରାଧ ନିୟନ୍ତ୍ରଣକୁ ଗୁରୁତ୍ୱ ଦିଆଯାଇ ଥିବାବେଳେ ଏଥିପାଇଁ ବିହିତ ପଦକ୍ଷେପ ନେବା ପାଇଁ ବିଧାୟକ ଷଡ଼ଙ୍ଗୀ ଜିଲାପାଳ ଏବଂ ଏସପିଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ଆଲୋଚନା ସମୟରେ ବିଧାୟକ ଷଡ଼ଙ୍ଗୀ କହିଥିଲେ, ବରଗଡ଼ରେ ଗଞ୍ଜେଇ, ସଟ୍ଟା, ବିନା ପ୍ରେସକ୍ରିପଶନରେ ନିଶା ଔଷଧ ବିକ୍ରି, ନିଶା କାରବାର ଚାଲିଛି। ଏହି କାରବାର ଗୁଡ଼ିକୁ ତୁରନ୍ତ ବନ୍ଦ ଦିଗରେ ବିହିତ ପଦକ୍ଷେପ ନେବାକୁ ସେ ଜିଲାପାଳ ଏବଂ ଏସପିଙ୍କ ସହିତ ଆଲୋଚନା କରିଥିଲେ।


ଜିଲାପାଳ, ଏସ୍‌ପିଙ୍କ ସହ ନବନିର୍ବାଚିତ ବରଗଡ଼ ବିଧାୟକଙ୍କ ଆଲୋଚନା।

**ଅପରାଧ ନିୟନ୍ତ୍ରଣକୁ ଗୁରୁତ୍ୱ**

ସେହିପରି ଅପରାଧ ରୋକିବା ଦିଗରେ ବରଗଡ଼ର ବିଭିନ୍ନ ଛକରେ ସିସିଟିଭି ସ୍ଥାପନ, ଖେଦାପାଲିସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ପୋଲିସ ଫାଣ୍ଡି ସ୍ଥାପନ, ବନ୍ଦ ପଡ଼ିଥିବା ପୁରୁଣା ସଦର ଥାନାକୁ ଥାନାଭାବେ କାର୍ଯ୍ୟକ୍ଷମ କରାଯିବା, ତୋରାରେ ପୋଲିସ ଫାଣ୍ଡି କରିବାକୁ ସେ ଏସପିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହା ସହିତ ରାତ୍ରିକାଳୀନ ପାଟ୍ରୋଲିଂକୁ କଡ଼ାକଡ଼ି କରିବା ପାଇଁ ଏସ୍‌ପିଙ୍କୁ କହିଥିଲେ। ଆଲୋଚନାକାଳରେ ଅନ୍ୟମାନଙ୍କ ମଧ୍ୟରେ ଭାଜପା କାର୍ଯ୍ୟକର୍ତ୍ତା ଅଶୋକ ପଣ୍ଡା, ରବିନାରାୟଣ ଦାଶ, ସୁବ୍ରତ ହୋତା, ଅକ୍ରୁର ମଲ୍ଲିକ, ସୁକାନ୍ତ ମିଶ୍ର, ନବକିଶୋର ପାଣିଗ୍ରାହୀ, ପ୍ରଶାନ୍ତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଏମ୍‌ପି, ବିଧାୟକଙ୍କୁ ସମ୍ବର୍ଦ୍ଧନା


ଅମ୍ବାଭୋନାରେ ନବନିର୍ବାଚିତ ଏମପି, ବିଧାୟକଙ୍କ ସମ୍ବର୍ଦ୍ଧନା ଶୋଭାଯାତ୍ରା।

ବରଗଡ଼, ୧୫।୬(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ଅମ୍ବାଭୋନାରେ ଶନିବାର ନବନିର୍ବାଚିତ ଲୋକସଭା ଏମପି ପ୍ରଦୀପ ପୁରୋହିତ ଏବଂ ଭଟଲି ବିଧାୟକ ଇରାସିସ୍ ଆଚାର୍ଯ୍ୟଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏହି ଅବସରରେ ଏମ୍‌ପି ପୁରୋହିତ ଏବଂ ବିଧାୟକ ଆଚାର୍ଯ୍ୟ ସ୍ଥାନୀୟ କେଦାରନାଥ ମନ୍ଦିରରେ ପୂଜାର୍ଚ୍ଚନା କରିଥିଲେ। ମନ୍ଦିର ଫାଟକ ସମ୍ମୁଖରେ ଭାଜପା କର୍ମୀମାନେ ଏକ ଶୋଭାଯାତ୍ରାରେ ଉଭୟ ଏମପି ଏବଂ ବିଧାୟକଙ୍କୁ ପ୍ରକାଶପୁର ପର୍ଯ୍ୟନ୍ତ ପାଛୋଟି ନେଇଥିଲେ। ଶୋଭାଯାତ୍ରା ବାଟରେ ସେମାନଙ୍କୁ ଅଞ୍ଚଳବାସୀ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ସେହିପରି ପ୍ରକାଶପୁର ମାଉସୀ ମନ୍ଦିର ପରିସରରେ ଏକ ସମ୍ବର୍ଦ୍ଧନା ସଭା ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଭାଜପା ନେତା ସୌରିଚରଣ ବାରିକ, ଡା. ଅରୁପାନନ୍ଦ ସାହୁ, ଆଡ଼ଭୋକେଟ୍ ଶରତ କୁମାର ପ୍ରଧାନ, ଅବସରପ୍ରାପ୍ତ ଶିକ୍ଷକ ମହେନ୍ଦ୍ର ଭୋଇ, ଭବାନୀ ଶଙ୍କର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ଗୁରୁ ଆନନ୍ଦ ବାଗ୍‌ଙ୍କ ଦେବଗୁରୁ ଲକ୍ଷ୍ମୀପୁରାଣ କଲା ବିମୁଗ୍ଧ

ପଦ୍ମପୁର ତା ୧୪.୬ (ପ୍ରଦୀପ୍ତ ଦାଶ)

ସଚେତନ ହେମା ଅନୁଷ୍ଠାନ ଢୋଲବନ୍ଧ ଦ୍ୱାରା ଆୟୋଜିତ ମାରଜିନାଲାଇଜ ଫୋକ ଥିଏଟର ମହୋତ୍ସବରେ ଦ୍ୱିତୀୟ ସନ୍ଧ୍ୟାରେ ବେଣୁଧର ସାହୁ ଲୋକନୃତ୍ୟ ଦଳ ଡାଲଖାଇ ନୃତ୍ୟ ଓ ଗୁରୁ ଆନନ୍ଦ ବାଗଙ୍କ ବ୍ରହ୍ମବୀଣା ସାଙ୍ଗକୁ ଲକ୍ଷ୍ମୀପୁରାଣ ପରିବେଷଣ ଅତି ଚମତ୍କାର ହୋଇଥିଲା। ମା'ମାନେ ଲକ୍ଷ୍ମୀପୁରାଣରେ ବିମୋହିତ ହୋଇ ଉତ୍କଣ୍ଠାର ସହ ଶ୍ରବଣ କରୁଥିଲେ । ସେହିପରି ତୃତୀୟ ସନ୍ଧ୍ୟାରେ ସପ୍ତଭଗିନୀ ମହିଳା କରମସାନି ଦଳ କରମସାନି ଓ ଠାକୁର ସାହୁ କରମସାନି ଦଳ ଧାନ ଉଡାଇବା କରମସାନି ଲୋକଙ୍କ ମନକୁ ଛୁଇଁ ପାରିଥିଲା। ଅତିଥି ଭାବରେ ବସୁଦେବ ସାହୁ, ଶିକ୍ଷକ ଧର୍ମେନ୍ଦ୍ର ସାହୁ, ସଙ୍ଗୀତଜ୍ଞ ଲାଲସାହେବ ସାହୁ, ଅଭିନେତା ଘନଶ୍ୟାମ ସାହୁ, ନାଟ୍ୟକାର ରାଜକୁମାର ସାହୁ ମଞ୍ଚାସୀନ ଥିଲେ। ନାଟ୍ୟକାର ରାଜକୁମାର ସାହୁ ଲୋକକଳା ଦିବସରେ ଲୋକନାଟ୍ୟର ଅନୁଚିନ୍ତା ବର୍ଣ୍ଣନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବୈଶାଖୁ ମେହେର, ପାଲଟନ ମହାକୁର, ପ୍ରଶାନ୍ତ ମହାପାତ୍ର, ଘନଶ୍ୟାମ ଭୋଇ, ଚତୁର୍ଭୁଜ ସାହୁ, ସଂଜୀବ ସାହୁ, ଜ୍ୟୋତି ସାହୁ, ଚାନ୍ଦିନୀ ସାହୁ, ନନ୍ଦିନୀ ସାହୁ ପ୍ରମୁଖ ସହାୟତା କରିଥିଲେ। ରବିବାର ସଂଚାର, ସମ୍ବଲପୁରୀ ନୃତ୍ୟ ଓ ପାଲା ପରିବେଷଣ ହେବ ବୋଲି ସଂଯୋଜକ କୁଳମଣି ପଶାୟତଙ୍କ ମୁଖରୁ ପ୍ରକାଶ ।



ବ୍ରହ୍ମ ବୀଣା ବାଦନ କରୁଛନ୍ତି ଗୁରୁ ଆନନ୍ଦ ବାଗ।


ହକି ଓ ଖୋଖୋ ପ୍ରଶିକ୍ଷଣ ଶିବିରର ଉଦ୍‌ଯାପନୀ ଉତ୍ସବରେ ପ୍ରଶିକ୍ଷାର୍ଥୀଙ୍କ ସହ ଅତିଥି।

## ଖୋଖୋ, ହକି ସବ୍ ଜୁନିୟର ପ୍ରଶିକ୍ଷଣ ଶିବିର

ବଲାଙ୍ଗୀର, ୧୫।୬(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଟାଉନ ହାଇସ୍କୁଲ ପ୍ରାଙ୍ଗଣରେ ଅନୁଷ୍ଠିତ ଖୋଖୋ ଓ ହକି ସବ୍‌ଜୁନିୟର ପ୍ରଶିକ୍ଷଣ ଶିବିର ଶୁକ୍ରବାର ଉଦ୍‌ଯାପିତ ହୋଇଛି। ଏହି ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଟାଉନ୍ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ନରେନ୍ଦ୍ରନାଥ ମିଶ୍ର ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମକୁ ନନ୍ଦିନୀ ସାହୁ ସଂଯୋଜନା କରିଥିଲେ । ୨୭ ଏପ୍ରିଲରୁ ଆରମ୍ଭ ହୋଇଥିବା ଏହି ପ୍ରଶିକ୍ଷଣ ଶିବିରରେ ଉଭୟ ପୁରୁଷ ଓ ମହିଳା ବର୍ଗରେ ୧୫ ଜଣ ହକି ତଥା ୪୦ ଜଣ ଖୋ ଖୋ ଖେଳାଳି ଯୋଗଦାନ କରିଥିଲେ । ଏନ୍‌ଆଇଏସ୍ ପ୍ରଶିକ୍ଷକ ଆକାଶ ରଣା ଓ ସସ୍ମିତା ପାତ୍ର ଯୋଗଦେଇ ଖେଳାଳିମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ଅବସରପ୍ରାପ୍ତ କ୍ରୀଡା ପ୍ରଶିକ୍ଷକ ପଦ୍ମ ଚରଣ ଦାଶଙ୍କ ତତ୍ତ୍ୱାବଧାନରେ ଶିବିର ଅନୁଷ୍ଠିତ ହୋଇଥିଲା । ଉଦ୍‌ଯାପନୀ କାର୍ଯ୍ୟକ୍ରମର ମୁଖ୍ୟଅତିଥି ଭାବେ ଜିଲା କ୍ରୀଡା ସଂସଦ ସାଧାରଣ ସମ୍ପାଦକ ହରିନାରାୟଣ ପୂଝାରୀ, ସମ୍ମାନୀତ ଅତିଥିଭାବେ ପୂର୍ବତନ ବିଧାୟକ ରମାକାନ୍ତ ସେଠ, ଜିଲା କ୍ରୀଡା ସଂସଦ ଉପସଭାପତି କୃଷ୍ଣଚନ୍ଦ୍ର ମିଶ୍ର, ବରିଷ୍ଠ ସଭ୍ୟ ସୁଧୀର ଚନ୍ଦ୍ର ପଣ୍ଡା ଏବଂ ଜିଲା କ୍ରୀଡା ଅଧିକାରୀ ପରାଶର ବାଗ ଯୋଗଦାନ କରିଥିଲେ । କ୍ରୀଡା ସଂସଦ ସାଧାରଣ ସମ୍ପାଦକ ପୂଝାରୀ ଖେଳାଳିମାନଙ୍କୁ ଉଦ୍‌ବୋଧନ ଦେଇ ଜିଲା କ୍ରୀଡା ସଂସଦ ବଲାଙ୍ଗୀର ପକ୍ଷରୁ ସମସ୍ତ ପ୍ରକାର ଖେଳ ସହଯୋଗ ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ପ୍ରଶିକ୍ଷଣ ଶିବିରକୁ ଟାଉନ ବାଳିକା ବିଦ୍ୟାଳୟର କ୍ରୀଡା ଶିକ୍ଷୟିତ୍ରୀ ସୁଜାତା ମଲ୍ଲିକ ଓ ହକି କୋଚ ରାଜପଲିଆ ପରିଚାଳନା କରିଥିଲେ । ରଞ୍ଜିତ ବାବୁ, ସସ୍ମିତା ନାଗ, ପୁରନ୍ଦର ସେଠ, ସୁଦର୍ଶନ ସେଠ, ସୁଶୀଳ ସେଠ, ଅଞ୍ଜନ ବେହେରା ଓ ଖଲିଲ୍ ଉର ରହେମାନ ସହଯୋଗ କରିଥିଲେ। ଶେଷରେ ରଞ୍ଜିତ ବାବୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଦୁର୍ଘଟଣାରେ ଯବାନଙ୍କ ଅକାଳ ମୃତ୍ୟୁ

ସୋହେଲା, ୧୫।୬(ଅଶ୍ୱିନୀ କୁମାର ପାତ୍ର)

ବରଗଡ ଜିଲା ସୋହେଲା ବ୍ଲକ ଅନ୍ତର୍ଗତ ବିଝୁପାଲି ଗ୍ରାମର ଜଣେ ଯବାନଙ୍କ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି । ଉକ୍ତ ଯବାନ ୨୧ ଗଡ଼ୱାଲ ରାଏଫଲରେ ଲଦ୍ଦାକରେ ପୋଷ୍ଟିଂ ହୋଇଥିଲେ । ଉକ୍ତ ଯବାନ ହେଲେ ବିଝୁପାଲି ଗ୍ରାମର ସଙ୍କୀର୍ତ୍ତନ ବରିହା ଓ ସ୍ୱର୍ଗତ ପବିତ୍ରା ବରିହାଙ୍କ ପୁତ୍ର ରାଜ କିଶୋର ବରିହା (୩୫)। ସେ ୬ଦିନ ତଳେ ତାଙ୍କ ସ୍ତ୍ରୀ ଇନ୍ଦୁରେଖାଙ୍କ ସନ୍ତାନ ପ୍ରସବ ନିମିତ୍ତ ଛୁଟି ନେଇ ଘରକୁ ଆସିଥିଲେ । ସୋହେଲାର ଏକ ଘରୋଇ ହସ୍ପିଟାଲରେ ତାଙ୍କ ସ୍ତ୍ରୀ ଏକ ପୁତ୍ର ସନ୍ତାନ ଜନ୍ମ ଦେଇଥିଲେ। ଶୁକ୍ରବାର କୌଣସି ଏକ କାମରେ ସେ ବାଇକ ଯୋଗେ ସୀମାନ୍ତ ଲୁହୁରାଚଟିକୁ ଜାତୀୟ ରାଜପଥ ଦେଇ ଯାଉଥିବା ବେଳେ ରିଲାଏନ୍ସ ପେଟ୍ରୋଲ ପମ୍ପ ପାଖରେ ପଛ ପଟରୁ ଏକ ଗାଡ଼ି ଧକ୍କା ଦେବାରୁ ଛିଟିକି ପଡ଼ି ଗୁରୁତର ଆହତ ହୋଇଥିଲେ । ତାଙ୍କୁ ତୁରନ୍ତ ଆମ୍ବୁଲାନ୍ସରେ ପ୍ରଥମେ ସୋହେଲା ଡାକ୍ତରଖାନାକୁ ନେଇ ପ୍ରାଥମିକ ଚିକିତ୍ସା କରିବା ପରେ ବରଗଡ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇ ଭର୍ତ୍ତି କରାଯାଇଥିଲା। ଚିକିତ୍ସା ଚାଲିଥିବାବେଳେ ଗତ ରାତିରେ ତାଙ୍କ ମୃତ୍ୟୁ ଘଟିଥିଲା। ଖବର ପାଇ ସୋହେଲା ପୋଲିସ ଏବଂ ଭାରତୀୟ ସେନାର ସମ୍ବଲପୁର ଷ୍ଟେସନ କାର୍ଯ୍ୟାଳୟର ଅଧିକାରୀଗଣ ଡାକ୍ତରଖାନାକୁ ପହଞ୍ଚି ଥିଲେ। ଶବର ବ୍ୟବଚ୍ଛେଦ କରାଯାଇ ତାଙ୍କ ପରିବାରକୁ ହସ୍ତାନ୍ତର କରାଯାଇଥିଲା। ଶବ ସୋହେଲାକୁ ପହଞ୍ଚିବା ପରେ ଥାନା ସମ୍ମୁଖରେ ସୋହେଲାର ରାଇଜ ଅଫ ଲାୟନ, ମାରୱାଡ଼ି ଯୁବା ମଞ୍ଚ ଓ ସୋହେଲା ଅବସର ପ୍ରାପ୍ତ ସୈନିକ ସଂଘ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଏହା ପରେ ଏକ ବାଇକ ଶୋଭା ଯାତ୍ରାରେ ତାଙ୍କ ପାର୍ଥିବ ଶରୀରକୁ ତାଙ୍କ ପୈତୃକ ଗ୍ରାମ ବିଝୁପାଲି ଗ୍ରାମକୁ ନିଆଯାଇଥିଲା। ସେଠାରେ ଭାରତୀୟ ସେନା ପକ୍ଷରୁ କର୍ଣ୍ଣେଲ ଦେବୀ ପ୍ରସାଦ ସାହୁ, ଜିଲା ପୋଲିସ ପକ୍ଷରୁ ଏସଡିପିଓ ବିଭୂତି ଭୂଷଣ ଭୋଇ, ସୋହେଲା ଥାନା ଦାୟିତ୍ୱରେ ଥିବା ବିଜେପୁର ଆଇଆଇସି ଧିରେନ କୁମାର ସ୍ୱାଇଁ, ବରଗଡ ଜିଲା ଭେଟରାନ ଆସୋସିଏସନ ସ୍ୱର୍ଗତ ଯବାନଙ୍କୁ ଶେଷ ସମ୍ମାନ ଜଣାଇଥିଲେ। ତାଙ୍କ ପାର୍ଥିବ ଶରୀରକୁ କ୍ଷେତକୁ ନିଆଯାଇ ଅନ୍ତିମ ସଂସ୍କାର କରାଯାଇଥିଲା। ତାଙ୍କ ପୁତୁରା ଅଶୋକ ବରିହା ମୁଖାଗ୍ନି ଦେଇଥିଲେ । ଖବର ପାଇ ଭଟଲି ବିଧାୟକ ଇରାଶିସ ଆଚାର୍ଯ୍ୟ ତାଙ୍କ ବାସ ଭବନକୁ ଯାଇ ଶୋକ ସନ୍ତପ୍ତ ପରିବାରକୁ ଭେଟି ସମବେଦନା ଜଣାଇଥିଲେ। ଯବାନଙ୍କ ଅକାଳ ମୃତ୍ୟୁରେ ଗ୍ରାମ ତଥା ଆଖ ପାଖ ଅଞ୍ଚଳରେ ଶୋକର ଛାଇ ଖେଳି ଯାଇଛି। ସ୍ୱର୍ଗତ ରାଜ କିଶୋର ତାଙ୍କ ମାତା ପିତାଙ୍କ କନିଷ୍ଠ ପୁତ୍ର ଥିଲେ। ପ୍ରାୟ ୧୪ ବର୍ଷ ହେବ ସେ ସେନାରେ ସେବାରତ ଥିଲେ।


ରାଜ କିଶୋର ବରିହା।

## ଲକ୍ଷ୍ମଣ ବାଗଙ୍କୁ ମନ୍ତ୍ରିମଣ୍ଡଳରେ ସ୍ଥାନ ମିଳିବା ନେଇ ସୋସିଆଲ ମିଡିଆରେ ଆଲୋଚନା

କଣ୍ଟାବାଞ୍ଜି, ୧୫।୬ (ଗୁରୁଦୟାଲ ହଂସ): ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ବିଧାନସଭା ନିର୍ବାଚନ ମଣ୍ଡଳୀରେ ଚଳିତ ନିର୍ବାଚନରେ ଭାଜପାର ଲକ୍ଷ୍ମଣ ବାଗ ୧୬ ହଜାରରୁ ଉର୍ଦ୍ଧ୍ୱ ଭୋଟରେ ବିଜୟୀ ହୋଇଛନ୍ତି। ସେ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ପରାଜିତ କରି ବିଜୟୀ ହୋଇଛନ୍ତି। ଏପରିକି ଏହି ନିର୍ବାଚନ ମଣ୍ଡଳୀର ଅନ୍ୟଜଣେ କଂଗ୍ରେସର ଟାଣୁଆ ନେତା ତଥା ନିର୍ବାଚନ ମଣ୍ଡଳୀର ୪ଥର ବିଧାୟକ ସନ୍ତୋଷ ସିଂ ସାଲୁଜାଙ୍କୁ ମଧ ପଛରେ ପକାଇଛନ୍ତି। ଭାଜପା ପ୍ରଥମଥର ପାଇଁ ଓଡ଼ିଶାରେ ଏକାକି ସରକାର ଗଠନ କରିଛି। ଏପରିକି ବଲାଙ୍ଗୀର ଜିଲାର ଦୁଇଜଣ କନକ ବର୍ଦ୍ଧନ ସିଂଦେଓଙ୍କୁ ଉପମୁଖ୍ୟମନ୍ତ୍ରୀ ଏବଂ ଲୋଇସିଂହା ବିଧାୟକ ମୁକେଶ ମହାଲିଙ୍ଗଙ୍କୁ କ୍ୟାବିନେଟ ମନ୍ତ୍ରୀ ଭାବେ ସ୍ଥାନ ମିଳିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ହରାଇଥିବା ବାଗଙ୍କୁ ମନ୍ତ୍ରୀମଣ୍ଡଳରେ ସାମିଲ କରାଯିବ ବୋଲି ନିର୍ବାଚନ ମଣ୍ଡଳୀ ଆଶାବାଦୀ ଥିଲା। କିନ୍ତୁ ତାହା ହୋଇ ନ ଥିବାବେଳେ ପରବର୍ତ୍ତୀ ସମୟରେ ତାଙ୍କୁ ସ୍ଥାନ ମିଳିବା ନେଇ ଖବର ସୋସିଆଲ ମିଡିଆରେ ଘୂରି ବୁଲୁଛି।

## ମୁଖ୍ୟମନ୍ତ୍ରୀଙ୍କ ବରଗଡ଼ ଗସ୍ତ ଚର୍ଚ୍ଚା

ବରଗଡ଼, ୧୫।୬(ପ୍ରେମାନନ୍ଦ ଖମାରୀ)

ରାଜ୍ୟରେ ଭାଜପା ପ୍ରଥମଥର ପାଇଁ ସରକାର ଗଠନ କରିଛି। ତେବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ତାଙ୍କ ପ୍ରଥମ ଗସ୍ତରେ ବରଗଡ଼ ଜିଲାକୁ ଆସୁଥିବା ଏବଂ ବରଗଡ଼ ଜର୍ଜ ହାଇସ୍କୁଲ ପଡ଼ିଆରେ ଏକ ସଭାରେ ଉପସ୍ଥିତ ଜନତାଙ୍କୁ ସମ୍ବୋଧିତ କରିବା ନେଇ ଚର୍ଚ୍ଚା ଚାଲିଛି। ଏ ନେଇ ଏପର୍ଯ୍ୟନ୍ତ ସରକାରୀଭାବେ କୌଣସି ସୂଚନା ମିଳିନାହିଁ। ତେବେ ଏ ସମ୍ପର୍କରେ ବରଗଡ଼ ବିଧାୟକ ତଥା ଭାଜପା ଜିଲା ସଭାପତି ଅଶ୍ୱିନୀ ଷଡ଼ଙ୍ଗୀଙ୍କୁ ପଚାରିବାରୁ ମୁଖ୍ୟମନ୍ତ୍ରୀଙ୍କ ବରଗଡ଼ ଗସ୍ତ ଏପର୍ଯ୍ୟନ୍ତ ଚୂଡ଼ାନ୍ତ ହୋଇ ନାହିଁ, ରବିବାର ସୁଦ୍ଧା ସେ ସମ୍ପର୍କରେ ଚୂଡ଼ାନ୍ତ ଜଣାପଡ଼ିବ ବୋଲି କହିଥିଲେ। ଗତ ସାଧାରଣ ନିର୍ବାଚନରେ ଭାଜପା ଧାନଦର କୁଇଣ୍ଟାଲ ପ୍ରତି ୩୧୦୦ ଟଙ୍କା ହେବ ବୋଲି ପ୍ରତିଶୃତି ଦେଇଥିଲା। ରାଜ୍ୟର ଶାସନ ହାତକୁ ନେବା ପରେ ମୁଖ୍ୟମନ୍ତ୍ରୀ ସେ ଉପରେ ମୋହର ମଧ୍ୟ ମାରିଛନ୍ତି। ଏହି କ୍ରମରେ ମୁଖ୍ୟମନ୍ତ୍ରୀ ମାଝି ରାଜ୍ୟର କୃଷିପ୍ରଧାନ ଜିଲା ବରଗଡ଼କୁ ଆସି ବର୍ଦ୍ଧିତ ଧାନଦର ଉପରେ ଚାଷୀଙ୍କୁ ସମ୍ବୋଧିତ କରିପାରନ୍ତି ବୋଲି ସାଧାରଣରେ ଆଲୋଚିତ ହେଉଛି।

## କ୍ରୀଷ୍ଟା ବିକାଶ ଗ୍ରୁପ୍‌ର ଗୁରୁକୁଳ-୨୦୨୪ ଉଦ୍‌ଯାପିତ

ବରଗଡ଼, ୧୫।୬(ପ୍ରେମାନନ୍ଦ ଖମାରୀ)

ବରଗଡ଼ସ୍ଥିତ କ୍ରୀଷ୍ଟା ବିକାଶ ଆବାସିକ ବିଦ୍ୟାଳୟରେ ଶିକ୍ଷକ ତାଲିମ ଶିବିର ଗୁରୁକୁଳ-୨୦୨୪ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରରେ କ୍ରୀଷ୍ଟା ବିକାଶ ଅନ୍ତର୍ଗତ ଓଡ଼ିଶା ଏବଂ ଛତିଶଗଡ଼ରେ ରହିଥିବା ୧୨ଶାଖା ବିଦ୍ୟାଳୟର ୪୦୦ରୁ ଉର୍ଦ୍ଧ୍ୱ ଶିକ୍ଷୟିତ୍ରୀ, ଶିକ୍ଷକ ଯୋଗଦାନ କରିଥିଲେ। ସର୍ବଭାରତୀୟସ୍ତରର ପ୍ରଶିକ୍ଷକ ଟୁନା ବିଶ୍ୱାଳ, ହରିଶ ଅଗ୍ରୱାଲ, କେଶବ ଜୈନ ପ୍ରମୁଖ ଯୋଗଦେଇ ଶିକ୍ଷାଦାନ ପ୍ରଣାଳୀରେ ବୈଶ୍ୱିକ ପରିବର୍ତ୍ତନଶୀଳତା ସମ୍ପର୍କରେ ତାଲିମ ପ୍ରଦାନ କରିଥିଲେ। ପ୍ରଶିକ୍ଷକ ଅମିତ ବଂଶଲ ଶିକ୍ଷାଦାନ ପ୍ରଣାଳୀରେ ସୁଗମତା ପାଇଁ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସର ଉପଯୋଗିତା ସମ୍ପର୍କରେ ବିସ୍ତୃତ ଜ୍ଞାନର ପ୍ରଶିକ୍ଷଣ ପ୍ରଦାନ କରିଥିଲେ। କ୍ରୀଷ୍ଟା ବିକାଶ ଗ୍ରୁପର ଚେୟାରମ୍ୟାନ ଡି. ମୁରଲୀ କ୍ରୀଷ୍ଟା ଛାତ୍ରୀଛାତ୍ରଙ୍କ ଉନ୍ନତି ପାଇଁ ମେଣ୍ଟରିଂ ପ୍ରୋଗ୍ରାମ ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ। କ୍ରୀଷ୍ଟା ବିକାଶ ଗ୍ରୁପର ମ୍ୟାନେଜିଂ ଡାଇରେକ୍ଟର ବିବେକ ଦାଶରୀ ନୂତନ ପିଢ଼ିର ଭାବନାକୁ ବୁଝି ଶିକ୍ଷାଦାନ ପ୍ରଣାଳୀରେ ଉନ୍ନତି ଆଣିବା ପାଇଁ ମତବ୍ୟକ୍ତ କରିଥିଲେ। ଉଦଯାପନୀ ସମାରୋହରେ କ୍ରୀଷ୍ଟା ବିକାଶ ଗ୍ରୁପର ଡାଇରେକ୍ଟର ଡ. ସମରେନ୍ଦ୍ରନାଥ ପଣ୍ଡା, ରାୟପୁର ଶାଖାର ଡାଇରେକ୍ଟର ଡ. ଜବାହର ସୁରସେଟ୍ଟୀ, ବରଗଡ଼ ବିକାଶ ଆବାସିକ ବିଦ୍ୟାଳୟର କାର୍ଯ୍ୟକାରୀ ଅଧକ୍ଷ ଶିଶିର ପ୍ରସାଦ ରାଉଳ, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ନାରାୟଣ ରଥ, ଆବାସିକ ବିଦ୍ୟାଳୟର ଉପାଧ୍ୟକ୍ଷ ପ୍ରଦୀପ କୁମାର ସାହୁଙ୍କ ସମେତ କ୍ରୀଷ୍ଟା ବିକାଶ ଗ୍ରୁପ ଅନ୍ତର୍ଗତ ସମସ୍ତ ଶାଖା ବିଦ୍ୟାଳୟଗୁଡ଼ିକର ଅଧ୍ୟକ୍ଷ, ଶିକ୍ଷୟିତ୍ରୀ, ଶିକ୍ଷକ ଉପସ୍ଥିତ ଥିଲେ। ବରଗଡ଼ ବିକାଶ ଆବାସିକ ବିଦ୍ୟାଳୟ ସେକେଣ୍ଡାରୀ ଅଧକ୍ଷ ଚିତ୍ତରଞ୍ଜନ ପତି ଧନ୍ୟବାଦ ଅର୍ପଣ କରିଥିଲେ।


ଗୁରୁକୁଳ-୨୦୨୪ କାର୍ଯ୍ୟକ୍ରମରେ କ୍ରୀଷ୍ଟା ବିକାଶ କର୍ତ୍ତୃପକ୍ଷ ଏବଂ ଶିକ୍ଷୟିତ୍ରୀ, ଶିକ୍ଷକବୃନ୍ଦ।

## ନିଷ୍ଠା ପରିବାରର ବାର୍ଷିକ ଉତ୍ସବ


ନିଷ୍ଠା ପରିବାରର ବାର୍ଷିକ ଉତ୍ସବରେ ଅତିଥିବୃନ୍ଦ।


ନିଷ୍ଠା ପରିବାରର ବାର୍ଷିକ ଉତ୍ସବ ଅବସରରେ ରକ୍ତଦାନ ଶିବିର।

ବରଗଡ଼, ୧୫।୬(ପ୍ରେମାନନ୍ଦ ଖମାରୀ)

ବରଗଡ଼ ବ୍ଲକ ଅନ୍ତର୍ଗତ ଖଣ୍ଡହଥା ପଞ୍ଚାୟତର ଆମ୍ବକ୍ୟାମ୍ପରେ ଗଢ଼ି ଉଠିଥିବା ସ୍ୱେଚ୍ଛାସେବୀ ଅନୁଷ୍ଠାନ ନିଷ୍ଠା ପରିବାରର ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବିଶ୍ୱ ରକ୍ତଦାତା ଦିବସ ଅବସରରେ ଅନୁଷ୍ଠିତ ଏହି ଉତ୍ସବ ପ୍ରଥମ ଅଧିବେଶନରେ ରକ୍ତଦାନ ଶିବିର ହୋଇଥିଲା। ଅଡ଼ଗାଁର ଆୟୁଷ ଡାକ୍ତର ଶ୍ରୀନିବାସ ଦେବତା ମୁଖ୍ୟ ଅତିଥିଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ବରଗଡ଼ ରକ୍ତଭଣ୍ଡାର ପକ୍ଷରୁ ଶିବିରରେ ୩୫ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ନିଷ୍ଠା ପରିବାରକୁ ରକ୍ତଦାନ କ୍ଷେତ୍ରରେ ସହଯୋଗ କରୁଥିବା ଅନୁଷ୍ଠାନ ଏବଂ ସ୍ୱେଚ୍ଛାସେବୀଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଆଗାମୀ ଦିନରେ ରକ୍ତଅଭାବକୁ ଦୂର କରିବା ପାଇଁ ଆହୁରି ରକ୍ତଦାନ ଶିବିର ଆୟୋଜନ କରିବା ପାଇଁ ସମସ୍ତେ ମତାମତ ଦେଇଥିଲେ।

କାର୍ଯ୍ୟକ୍ରମର ଦ୍ୱିତୀୟ ଅଧିବେଶନରେ ସ୍ୱର୍ଗତ ଆଶିଷ ଭୋଇଙ୍କ ସ୍ମୃତିରେ ଏକ ରକ୍ତଦାନ ଶିବିର ହୋଇଥିଲା। ଉକ୍ତ ଶିବିରକୁ ସ୍ୱର୍ଗତ ଭୋଇଙ୍କ ମା ଆହ୍ଲାଦିନୀ ଶୁଭାରମ୍ଭ କରିଥିଲେ। ଏହି ଶିବିରରେ ବୁର୍ଲା ରକ୍ତଭଣ୍ଡାର କର୍ମଚାରୀମାନେ ୧୧୧ ୟୁନିଟ୍ ରକ୍ତ ସଂଗ୍ରହ କରିଥିଲେ। ପୂର୍ବତନ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। ବ୍ଲକ ଉପାଧକ୍ଷ ଉମେଶ ପଣ୍ଡା, ଯଶବୀର ସିଂ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦାନ କରିଥିଲେ। ନିଷ୍ଠା ପରିବାରର ସଭାପତି ମଦନ ମୋହନ ଦାଶ ସଭା ପରିଚାଳନା କରିଥିଲେ। ସମ୍ପାଦକ ଲୋକନାଥ ସାହୁ ବିବରଣୀ ପାଠ କରିଥିଲେ। ଉପଦେଷ୍ଟା ଅଶ୍ୱିନୀ ତ୍ରିପାଠୀ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। କୋଷାଧକ୍ଷ ଶ୍ୟାମସୁନ୍ଦର ସାହୁ ଅନୁଷ୍ଠାନର ଆର୍ଥିକ ସ୍ଥିତି ଉପରେ ସୂଚନା ପ୍ରଧାନ କରିଥିଲେ। ଏହି ଅବସରରେ ସଚି ପଣ୍ଡାଙ୍କ ତତ୍ତ୍ୱାବଧାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ଭାଗବତ ପ୍ରଧାନଙ୍କ ସମେତ ଅପନା ଘର, ଅଖିଳ ଭାରତୀୟ ମାରୱାଡ଼ି ସମ୍ମେଳନ, ମହାନଦୀ ନେତ୍ର ଚିକିତ୍ସାଳୟ, ଆନନ୍ଦ ସେବା ସଦନ ଆଦି ଅନୁଷ୍ଠାନ ଗୁଡ଼ିକୁ ନିଷ୍ଠା ପରିବାର ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ନିଷ୍ଠା ପରିବାରର ଉପଦେଷ୍ଟା ଦୁର୍ବାଦଳ ଷଡ଼ଙ୍ଗୀ, ଜୟନ୍ତ ପ୍ରଧାନ, ବିଦ୍ୟାଧର ଭୋଇ, ରାତ୍ର ପ୍ରଧାନ, ହେମାଞ୍ଚଳ ସାହୁ, ଖଗେଶ୍ୱର ସାହୁ, ନିଷ୍ଠା ମହିଳା ଶାଖା ମୁଖ୍ୟ ତ୍ରିପୁରା ଶୁକ୍ଳା, ସୂତପା ଗଡ଼ତିଆ, ରୀନା ମହାରଣା ପ୍ରମୁଖ ପରିଚାଳନା କରିଥିଲେ। ଜିତୁ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

